## ସଂକ୍ଷେପରେ

### ବିଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଆଳି,୧୮।୮(ଡି.ଏନ.ଏ): ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର କଅଁରପୁର ଗ୍ରାମରେ 'ସବୁଜ ସଂଘ'ପକ୍ଷରୁ ବିଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଅଁରପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିକଟରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ୨୦୦ ସୁନାରୀ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାଭିୟର ଇଣ୍ଟର ନ୍ୟାସନାଲ ସ୍କୁଲ ଟ୍ରଷ୍ଟର ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ,କେନ୍ଦ୍ରାପଡା ଲୋକସଭା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ଏବଂ ୩ନଂ ଜୋନ କଂଗ୍ରେସ ସଭାପତି ନକୁଳ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ସବୁଜ ସଂଘର ସମ୍ପାଦକ ରାଜମୋହନ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୁରୁଦତ୍ତ ପରିଡା, ଶୁଭମ ପରିଡା, ସଞ୍ଜୟ ନାୟକ ଓ ସବ୍ୟସାଚୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ବୃକ୍ଷ ରୋପଣ କରିବା ଲାଗି ସଂଘ ପକ୍ଷରୁ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

### ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା : ଜଣେ ଗିରଫ

ଡେରାବିଶ,୧୮।୮(ସ୍ୱପ୍ର): କେନ୍ଦ୍ରାପଡା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଛକନା ଗ୍ରାମର ସସ୍ମିତା ବିଶ୍ୱାଳଙ୍କ ମୃତଦେହ ମାର୍ଶାଘାଇର ଲୁଣାନଦୀ ପଠାରୁ ଶନିବାର ଉଦ୍ଧାର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ ତାଙ୍କ ଝିଅ ଦେଇଥିବା ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମହିଳାଙ୍କୁ ଗିରଫ କରିଛି । ପ୍ରକାଶ ଯେ, ଗତ ୧୧ ତାରିଖରୁ ସସ୍ମିତା ନିଖୋଜ ଥିଲେ। ତେବେ ତାଙ୍କୁ ତାଙ୍କର ସାବତପୁଅ, ବୋହୂ ଓ ସହଯୋଗୀମାନେ ମାରି ଦେଇଥିବା ସନ୍ଦେହରେ ସସ୍ମିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ପୋଲିସ ଘଟଣାକୁ ହାଲୁକା ଭାବେ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ପଚରା ଉଚୁରା କରି ଛାଡ଼ି ଦେଇଥିଲା । ତେବେ ସସ୍ମିତାଙ୍କ ମୃତଦେହ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଲବଲରାମପୁର ନିକଟସ୍ଥ ଲୁଣାନଦୀ ପଠାରୁ ମିଳିବା ପରେ ଘଟଣାସ୍ଥଳରେ ଝିଅ ଅନିତା ପହଞ୍ଚି ମାଆର ମୃତଦେହ ଚିହ୍ନଟ କରିଥିଲେ । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସାବତପୁଅ ସନ୍ତୋଷ ଫେରାର ହୋଇ ଯାଇଥିବା ବେଳେ ବୋହୂ ଦେବସ୍ମିତାଙ୍କୁ ଗିରଫ କରାଯାଇଛି ।

### କୃତ୍ତିବାସଙ୍କ ନିଯୁକ୍ତିକୁ ସ୍ୱାଗତ

ରାଜନଗର,୧୮।୮(ଡି.ଏନ.ଏ.): ବିଜୁ ଜନତା ଦଳର ବରିଷ୍ଠ ନେତା କୃତିବାସ ପାତ୍ରଙ୍କୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ରାଜନଗରର ବରିଷ୍ଠ ନେତା ପାତ୍ରଙ୍କ ଉପରେ ଭରସା କରି ଏହି ନିଯୁକ୍ତି ଦେଇଛନ୍ତି। ପାତ୍ର କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ଭାବେ ନିଯୁକ୍ତି ପାଇବା ପରେ ରାଜନଗର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଯୁବନେତା ବୈବର୍ତ୍ତ ନାରାୟଣ ବିଶ୍ୱାଳ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ମହାନ୍ତି, ମାଧବାନନ୍ଦ ରାଉତ, ଅମର କୁମାର ରାଉତ, ମନୋଜ କୁମାର ରାଉତରାୟ, ନିରାକାର ରାଉତ, ଭରତ ରାଉତ, ଦେବାଶିଷ ପାତ୍ର, ଅରୁଣ କୁମାର ପାତ୍ର, ସୁକାନ୍ତି ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ କୃତିବାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପାତ୍ର ଏହା ପୂର୍ବରୁ ଆପିକଲର ଅଧକ୍ଷ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଏନ୍ଆର୍ସି ପାଇଁ ଗୃହ ମନ୍ତ୍ରଣାଳୟକୁ ଚିଠି

# ଉପାନ୍ତ ଅଞ୍ଚଳ ଛାଡୁଛନ୍ତି ଅନୁପ୍ରବେଶକାରୀ

କେନ୍ଦ୍ରାପଡା ଅଫିସ, ୧୮।୮

- ଚିଠି ପରେ ବାଂଲାଭାଷୀଙ୍କ ମଧ୍ୟରେ ହଇଚଇ
- ଗତ ଅଗଷ୍ଟରେ ୧୩୭ ଜଣଙ୍କ ଭୋଟର ପରିଚୟପତ୍ର ରଦ୍ଦ
- ୩୯ ହଜାରଙ୍କୁ ମିଳିଛି ଭୋଟର ପରିଚୟ ପତ୍ର

ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା କମିଟିର ଦାବି ମୁତାବକ, ନ୍ୟାସନାଲ ରେଜିଷ୍ଟ୍ରେଶନ ଅଫ ସିଟିଜେନ(ଏନ୍ଆର୍ସି) ପ୍ରସ୍ତୁତି ପାଇଁ ଚଳିତ ମାସ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଚିଠି ହୋଇଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଚିଠି ସମ୍ପର୍କରେ ବିଭିନ୍ନ ଗଣମାଧମରେ ପ୍ରକାଶପାଇବା ପରେ ଜିଲାର ଉପାନ୍ତ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି । ଏନେଇ ମହାକାଳପଡା ବ୍ଲକର ରାମନଗର ପଞ୍ଚାୟତରେ ବାଂଲାଭାଷୀ ଏକାଠି ହୋଇ ଶନିବାର ରାତିରେ ବୈଠକ କରିଥିଲେ। ସେମାନେ ବାଂଲାଦେଶୀ ନୁହନ୍ତି ଭାରତୀୟ ବୋଲି ଦାବି କରିଛନ୍ତି। ତେବେ ବୈଠକ ପରେ ମହାକାଳପଡା ଓ ଜମ୍ବୁ ଥାନା ଅଞ୍ଚଳରୁ କିଛି ବ୍ୟକ୍ତି ଛାଡି ପଳାଇଥିବା ନେଇ ରବିବାର ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଛି । ବଉଳକଣୀ ଗ୍ରାମରେ ଥିବା ୮ ଜଣ ବାଂଲାଭାଷୀ ଗତ ରାତିରୁ କାହାକୁ କିଛି ନ ଜଣାଇ ଘର ଛାଡି ପଳାଇଛନ୍ତି। ସେମାନେ ଅନୁପ୍ରବେଶକାରୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଅପରପକ୍ଷେ ପୂର୍ବରୁ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଥିବ ବହୁ ବାଂଲାଦେଶୀଙ୍କ ଏବେ କୌଣସି ପତ୍ତା ମିଳୁନାହିଁ। ସେମାନଙ୍କ ମଧ୍ୟରେ ବାଂଲାଦେଶୀ ଯୁବକ ଅମିତ ରାୟ ଅନ୍ୟତମ। ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ତାଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅଦ୍ୟାବଧି ତାଙ୍କୁ ଗିରଫ କରାଯାଇନାହିଁ। ଏବେ ତାଙ୍କର କୌଣସି ପତ୍ତା ମିଳୁ ନଥିବାରୁ ସେ ଖସି ପଳାଇଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅମିତ ହେଉଛନ୍ତି ବାଂଲାଦେଶ ବଜରହାଟ ଜିଲାର ଚତଲମାରି ଥାନା ଅନ୍ତର୍ଗତ ଅରୁଲିଆ ଗ୍ରାମର ଆଶାଲତା ରାୟ ଓ ବିଧାନ ରାୟଙ୍କ ପୁଅ। ବାଂଲାଦେଶ ଢ଼ାକାସ୍ଥିତ ଟେକ୍ନିକାଲ ଏଜୁକେଶନ ବୋର୍ଡ ଅଧୀନରେ ଥିବା ସେକେଣ୍ଡାରୀ ସ୍କୁଲରୁ ସେ ବୈଷୟିକ ବିଭାଗରେ ପ୍ରମାଣପତ୍ର ପାଇଛନ୍ତି । ଏଥିସହ ବାଂଲାଦେଶର ବରିସାଲସ୍ଥିତ କେବି ହେମାୟତ ଉଦ୍ଦିନ ରୋଡସ୍ଥ ଦିକି କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରରୁ କମ୍ପ୍ୟୁଟରର ବିଭିନ୍ନ ବିଭାଗରେ ସେ ଏ ଗ୍ରେଡ ପାଇଛନ୍ତି । ତେବେ ଅମିତ ଏବିଷୟରେ କାହାରିକୁ ନ ଜଣାଇ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବରକୋଳିଖଲା କଜଳାପାଡିଆ ଗ୍ରାମରେ ରହୁଥିଲେ । ରାମନଗରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ନେଇ ସାର୍ଟିଫିକେଟ ହାସଲ କରିଥିଲେ। ଏହାକୁ ଦେଖାଇ ଭାରତୀୟ ପ୍ୟାନକାର୍ଡ, ଆଧାର, ଭୋଟର ଆଇକାର୍ଡ ଆଦି ହାତେଇ ନେଇଥିଲେ। ଏସମ୍ପର୍କରେ ୨୦୧୮ ନଭେମ୍ବର ୧୬ ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ହୋଇଥିଲା । ଏହାପରେ ଗତ ଜାନୁୟାରୀ ୫ରେ ଅମିତ ତାଙ୍କ ଭାରତୀୟ ପ୍ରମାଣପତ୍ର, ଭିସା, ପାସପୋର୍ଟ ଆଦି ଜିଲାପାଳଙ୍କ ନିକଟରେ ଦାଖଲ କରିଥିଲେ । କାଗଜ ପତ୍ର ଯାଞ୍ଚ ସମୟରେ ୨୦୧୭ ଫେବୃୟାରୀ ୨ରୁ ତାଙ୍କ ଭାରତ ଭିସା ଅବଧି ସରିଥିବା ଜଣାପଡିଥିଲା। ଏହି ସମୟରେ ଅମିତ ଖସିଯିବାକୁ ସକ୍ଷମ ହୋଇଥିଲେ। ଏନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କେନ୍ଦ୍ରାପଡାରେ ଏପରି ଅନୁପ୍ରବେଶ ଘଟଣା ନୂଆ ନୁହେଁ।

୧୯୭୧ ବାଂଲାଦେଶ ଯୁଦ୍ଧ ସମୟରେ ମହାକାଳପଡାରେ ୧୬୪୯ ଜଣ ଶରଣାର୍ଥୀଙ୍କୁ ସ୍ଥାନ ଦିଆଯାଇଥିଲା । ୨୦୦୫ ଓ ୨୦୧୧ ଜନଗଣନା ସମୟରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଥିଲା। ୨୦୦୫ରେ ସର୍ଭେ କରାଯାଇ ମହାକାଳପଡା ବ୍ଲକର ୧୫୫୧, ପଟ୍ଟାମୁଣ୍ଡାଇର ୯୦ ଓ ରାଜନଗର ବ୍ଲକର ୩୦ ଜଣ ବାଂଲାଭାଷୀଙ୍କୁ ଦେଶାନ୍ତରୀ ନୋଟିସ ଦିଆଯାଇଥିଲା । ଯାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ୨୦୧୧ ଗଣନା ସମୟରେ ଜିଲାରେ ପ୍ରାୟ ୭୮ ହଜାର ବାଂଲାଭାଷୀଙ୍କୁ ଠାବ କରାଯାଇଥିଲା। ସେଥିରୁ ୩୯ ହଜାରଙ୍କୁ ଭୋଟର ପରିଚୟ ମିଳିଥିବା ନେଇ ୨୦୧୮ ମାର୍ଚ୍ଚରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସୂଚନା ମିଳିଥିଲା । ଏନେଇ ଗତ ଅଗଷ୍ଟରେ ଭୋଟର ପରିଚୟ ପତ୍ର ସଂଶୋଧନ ସମୟରେ ଜିଲା ପ୍ରଶାସନ ପକ୍ଷରୁ ୧୩୭ ଜଣଙ୍କ ଭୋଟ ପରିଚୟପତ୍ର ରଦ୍ଦ କରି ଦିଆଯାଇଛି । ଏହି ଅନୁପ୍ରବେଶ ସମସ୍ୟା କେନ୍ଦ୍ରାପଡା ଜିଲାର ମହାକାଳପଡା, ରାଜନଗର, ପଟ୍ଟାମୁଣ୍ଡାଇ ଓ ଆଳି ମଧ୍ୟରେ କେବଳ ସୀମିତ ନୁହେଁ । ଏବେ ଏହା କେନ୍ଦ୍ରାପଡା ସହ ଜଗତସିଂହପୁର, ଅବିଭକ୍ତ କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାକୁ ମାଡି ଗଲାଣି। ରାଜ୍ୟର ୭୨ ସହରରେ ଏବେ ବାଂଲାଭାଷୀ ଅନୁପ୍ରବେଶକାରୀ ରହୁଛନ୍ତି ବୋଲି ଏକ ବେସରକାରୀ ସଂସ୍ଥା ଆକଳନରେ ଦର୍ଶାଇଛନ୍ତି । ଏହି ସମସ୍ୟା ଦୂର ପାଇଁ ୧୯୫୧ର ପ୍ରଜାସତ୍ୱ ଓ ୧୯୭୧ ମାର୍ଚ୍ଚ ୨୪ର ଭୋଟର ଲିଷ୍ଟ ତଦାରଖ ପାଇଁ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । ଚିହ୍ନଟ ପରେ ସେମାନଙ୍କ ଭାରତୀୟ ପ୍ରମାଣପତ୍ର ରଦ୍ଦ କରାଯାଇ ଦେଶରୁ ବିଦା କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଟ୍ରକ ପଛରେ ପିଟି ହେଲା ଅଟୋ: ଜଣେ ମୃତ, ୨ ଗୁରୁତର

କେନ୍ଦ୍ରାପଡା ଅଫିସ, ୧୮।୮

କେନ୍ଦ୍ରପଡା ସଦର ଥାନା ଅନ୍ତର୍ଗତ ଦୁହୁରିଆଠାରେ ରବିବାର ଏକ ଲୁହାପଥର ବୋଝେଇ ଟ୍ରକ ପଛରେ ଏକ ଅଟୋ ପିଟି ହୋଇଯାଇଛି। ଦୁର୍ଘଟଣାରେ ମହାକାଳପଡା ବ୍ଲକ କୁମ୍ଭାରପଡା ଗ୍ରାମର ପ୍ରଫୁଲ ରାଉତ (୫୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଏଥିସହ କୁମ୍ଭାରପଡା ଗ୍ରାମର ଚଗଲା ସ୍ୱାଇଁ ଓ ଅଟୋ ଚାଳକ କଟକସ୍ଥିତ କାଳିଆବୋଦା ଅଞ୍ଚଳର କାର୍ତ୍ତିକ ସାହୁ ଗୁରୁତର ହୋଇଛନ୍ତି । ଗୁରୁତରମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବରପାଇ ସଦର ଥାନା ପୋଲିସ ସେଠାରେ ପହଞ୍ଚି ଅଟୋକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ସୂଚନା ଅନୁଯାୟୀ, ଏହି ଅଟୋ ଚଣ୍ଡିଖୋଲରୁ କେନ୍ଦ୍ରାପଡା ଆସୁଥିଲା। ଦୁହୁରିଆ ନିକଟ ୫୩ ଜାତୀୟ ରାଜପଥରେ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ସେଠାରେ ଥିବା ଏକ ଟ୍ରକକୁ ପଛପଟୁ ପିଟି ଦେଇଥିଲା ।

## ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଶେଷ

ଆଳି,୧୮।୮(ଡି.ଏନ.ଏ)

ଆଳି ବ୍ଲକରେ ତୃତୀୟ, ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ଶରତ କୁମାରଦେବ ନୋଡାଲ ହାଇସ୍କୁଲରେ ପରୀକ୍ଷାକେନ୍ଦ୍ର ହୋଇଥିବା ବେଳେ ତୃତୀୟ ଶ୍ରେଣୀ ପାଇଁ ଆଳି ହାଇସ୍କୁଲ ପରୀକ୍ଷା କେନ୍ଦ୍ର ହୋଇଥିଲା। ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫ମ ଶ୍ରେଣୀର ୨୩୦ ଜଣ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପରୀକ୍ଷା ପାଇଁ ଚୟନ କରାଯାଇଥିଲା। ସେଥିରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୪୧ ଜଣ ଅନୁପସ୍ଥିତ ଥିଲେ । ସେହିପରି ଆଳି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ୟ ଶ୍ରେଣୀର ବୃତ୍ତି ପରୀକ୍ଷା ପାଇଁ ୨୩୬ ଜଣଙ୍କୁ ଚୟନ କରାଯାଇଥିଲା। ସେଥିରୁ ୨୧୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୧ ଜଣ ଅନୁପସ୍ଥିତ ଥିଲେ । ଆଳି ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ରଥ, ପାବନୀ କୁମାର ରାଉତ ଓ ଦିଲୀପ କୁମାର ମଲ୍ଲ ପ୍ରମୁଖ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାକୁ ପରିଚାଳନା କରିଥିଲେ ।



ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବୃତ୍ତି ପରୀକ୍ଷା ଦେଉଛନ୍ତି।

### ସହରରୁ ହଟିବ ଜବରଦଖଲ

କେନ୍ଦ୍ରାପଡା ଅଫିସ, ୧୮।୮

କେନ୍ଦ୍ରାପଡା ସହରରୁ ଜବରଦଖଲ ହଟିବ। ଜିଲାପାଳ ସହରର ୬ ନଂ ୱାର୍ଡରେ ଜବରଦଖଲ ସମସ୍ୟାର ତଦାରଖ ସମୟରେ ଶନିବାର ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ସହରର ବିଭିନ୍ନ ରାସ୍ତା ଏବେ ଜବରଦଖଲକାରୀଙ୍କ କବଳରେ ରହିଛି। ପ୍ରଶାସନ ପକ୍ଷରୁ ଏହି ଜବରଦଖଲକାରୀଙ୍କୁ ବହୁ ସମୟରେ ହଟାଯାଉଥିବା ବେଳେ ଉକ୍ତ ସ୍ଥାନର ସୁରକ୍ଷା ପାଇଁ ନଜର ଦିଆଯାଉନାହିଁ। ଫଳରେ ଏହି ସ୍ଥାନଗୁଡିକ ଜବରଦଖଲକାରୀଙ୍କ କବଳକୁ ଚାଲିଯାଉଛି । ଏସମସ୍ୟା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପୌର ପ୍ରଶାସନ ତରଫରୁ ଜବରଦଖଲ ସ୍ଥାନ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜବରଦଖଲ ଉଠିବା ପରେ ସେଠାରେ ଭେଣ୍ଡି ଜୋନ କରାଯିବା ସହ କିଛି ଜଣ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ ।

### ୪୯ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

ଆଳି,୧୮।୮(ଡି.ଏନ.ଏ.)

ଆଳି ବ୍ଲକ ଅନ୍ତର୍ଗତ ପ୍ରତପୁର ପଞ୍ଚାୟତରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାଗୃହରେ ଆୟୋଜିତ ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରବୀଣା ବେହୁରା ଯୋଗଦେଇ ୪୯ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ୬ମାସର ବାର୍ଦ୍ଧକ୍ୟ ଭତ୍ତା ସ୍ୱରୁପ ପ୍ରତ୍ୟେକଙ୍କୁ ୩ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଜେନା ଓ ଗ୍ରାମ ରୋଜଗାର ସେବକ ରଶ୍ମିରଞ୍ଜନ ପରିଡା ଉପସ୍ଥିତ ଥିଲେ। ଏହାକୁ ଯୁବନେତା ସୁବ୍ରତ ବେହୁରା (ପପୁ)ପରିଚାଳନା କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଆଳି,୧୮।୮(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଁଏ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଆଳିରେ ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଇତିମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ନିଆଳ ହାଟରେ ଥିବା ବନବିଭାଗ କାର୍ଯ୍ୟାଳୟ ନିକଟରେ ଏହି ବିଦ୍ୟାଳୟ ପାଇଁ ସ୍ଥାନ ନିରୂପଣ କରାଯାଇଛି । ବିଦ୍ୟାଳୟ ନିମନ୍ତେ ୩ କୋଟି ୮୩ ଲକ୍ଷ ୪୪ ହଜାର ୧୦୨ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୫ ଏକର ସ୍ଥାନରେ ଏହି ବିଦ୍ୟାଳୟ ନିର୍ମାଣ କରିବା ଲାଗି ଯୋଜନା ହୋଇଛି। ବିଦ୍ୟାଳୟ ଶ୍ରେଣୀଗୃହରେ ତଳ ମହଲାର ଆକାର ୧୩୨୩ ଏବଂ ଉପର ମହଲାର ଆକାର ୧୨୧୨ ବର୍ଗ ମିଟର ରହିଛି। ବିଦ୍ୟାଳୟର ସମୁଦାୟ ଶ୍ରେଣୀଗୃହ ୨୫୬୦ବର୍ଗ ମିଟର ମଧ୍ୟରେ ରହିବ ବୋଲି ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଗୁଣନିଧି ସାମଲ ପ୍ରକାଶ କରିଛନ୍ତି । ୨୦୨୦ ଅକ୍ଟୋବର ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ଶେଷ ହେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଦେବଙ୍କ ସହ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଯୁବନେତା ଭୀଷ୍ମ ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ,ନିଆଳ ସରପଞ୍ଚ ସୁକାନ୍ତି ମଲିକ ଓ ଅଶୋକ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟକ ପ୍ରତାପ କେଶରୀ ଦେବ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

### ସାପ କାମୁଡ଼ାରେ ଚାଷୀ ମୃତ

ପାଟକୁରା, ୧୮।୮ (ଡି.ଏନ.ଏ.): ଗରଦପୁର ପଞ୍ଚାୟତ ଅନ୍ତର୍ଗତ ବରହମପୁର ଗ୍ରାମରେ ସାପ କାମୁଡାରେ ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଦୈତାରୀ ରାଉତ (୭୫)। ସକାଳ ସେ ଧାନ କିଆରୀକୁ ସାର ପକାଇବାକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଅସୁସ୍ଥତା ଅନୁଭବ କରିବାରୁ ଘରକୁ ଫେରିଥିଲେ। ପରିବାର ସଦସ୍ୟ ତାଙ୍କୁ ନେଇ ପ୍ରଥମେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଖୁଦୁରୁକୁଣୀ ଓଷା ପାଇଁ କେନ୍ଦ୍ରାପଡା ସହରରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିକ୍ରୀ ପାଇଁ ରଖାଯାଇଛି।

## ଅଖଣ୍ଡତା ବଜାୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ରାଜକନିକା, ୧୮।୮ (ଡି.ଏନ୍.ଏ)



ଓଳାଭର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ନିରୁପମା ବଳ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ. ସତ୍ୟକାମ ମିଶ୍ର ଓ ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳରେ ଗଢିଉଠିଥିବା ଏହି ମହାବିଦ୍ୟାଳୟ ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେମାନେ ପିଲାମାନଙ୍କୁ ପାଠପଢ଼ି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଭାରତବର୍ଷର ଅଖଣ୍ଡତା ବଜାୟ ରଖିବା ପାଇଁ ଆଗେଇ ଆସିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅଧକ୍ଷ ଗୋପିନାଥ ଦାସ ଓ ପ୍ରଧ୍ୟାପକ ଡ. ପ୍ରହ୍ଲାଦ ଚନ୍ଦ୍ର ପତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ପ୍ରାକ୍ତନ କ୍ରୀଡା ଶିକ୍ଷକ ଆଦିକନ୍ଦ ଦାସ ଓ ଡ. ପତିଙ୍କୁ ଉପାୟନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ହଳଧର ବେହେରା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଡ.ସୁଧିର କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ସୁବାସ ଚନ୍ଦ୍ର ମଲ୍ଲ, ଅଧ୍ୟାପିକା ଉଷାରାଣୀ ରଥ, ଲୋପମୁଦ୍ରା ନାୟକ, ମୁରଲିଧର କର ଓ ବାସନ୍ତୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ଅଗଷ୍ଟ, ୨୦୧୯



## ସଂକ୍ଷେପରେ



### କାଜୁ ନିଗମ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା

ନାଉଗାଁ,୧୮।୮(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଜୁ ନିଗମ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ନାଉଗାଁ ବ୍ଲକ ଛାତ୍ର ବଜେଡି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବ୍ଲକ ଛାତ୍ର ବିଜେଡି ସଭାପତି ପୃଥ୍ୱିରାଜ ମହାନ୍ତି, ଜ୍ଞାନରଞ୍ଜନ ସାହୁ, ବାପିନା ବିଶ୍ୱାଳ, ଲୋକନାଥ ଦାସ, ସ୍ୱରାଜ ପରିଜା ପ୍ରମୁଖ ଅମରେନ୍ଦ୍ରଙ୍କୁ ଗୋପାଳସାଗରସ୍ଥିତ ବାସଭବନରେ ଭେଟି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଥିସହିତ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### 'ସୂର୍ଯ୍ୟମୁଖୀ'ର ବାର୍ଷିକ ଉତ୍ସବ

ପାରାଦୀପ,୧୮।୮(ସ୍ୱ.ପ୍ର.): ପାରାଦୀପ କଲେଜ ପରିସରରେ ରବିବାର ଗଣତାନ୍ତ୍ରିକ, କଳା, ସାହିତ୍ୟ, ସଂସ୍କୃତି, ସମାଜଚେତନା ଓ ପରିବେଶ ସୁରକ୍ଷା ସଙ୍ଗଠନ 'ସୂର୍ଯ୍ୟମୁଖୀ'ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ସୁପ୍ରେମା କାନୁନ୍‌ଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ, ଡା. ରବିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦିକା ହାରାମଣି ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ସବ ପାଇଁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଫ୍‌କୋର ଡିଜିଏମ୍ ଜ୍ଞାନଚାନ୍ଦ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ହୋଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଡବିଲ, ୧୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଏକ ଖଣି କମ୍ପାନୀର ଲିଜ୍‌ଭୁକ୍ତ ଜଙ୍ଗଲ ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ କିରିବୁରୁ ଥାନା ଅନ୍ତର୍ଗତ ଚର୍ଚ୍ଚ ରୋଡ ଅଞ୍ଚଳର ରିଷବ ସିଂହ(୨୨)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ ବୋଲି ବଲାଣୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

### ୨ବାଇକ୍ ଧକ୍କା: ୩ ଗୁରୁତର

ତେଲକୋଇ,୧୮।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହା ପଞ୍ଚାୟତର ଜେନାଦର ଛକରେ ରବିବାର ସନ୍ଧ୍ୟାରେ ୨ଟି ବାଇକ ମଧ୍ୟରେ ଧକ୍କା ହେବାରୁ ୩ଜଣ ଆରୋହୀ ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ନିର କିଷାନଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ବଡ଼ବିଲ, ୧୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେଡିଂ ଅଞ୍ଚଳରେ ରହୁଥିବା ସୋମା ବେଣ୍ଟକାର ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାର ପୋଲିସ ତଦନ୍ତ କରି ଅଭିଯୁକ୍ତ ରିଙ୍କୁ ନାଏକଙ୍କୁ ଶନିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମାଙ୍କ ସ୍ତ୍ରୀ ବଡବିଲ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପୋଲିସ ଏକ ମାମଲା (ନଂ.୧୬୮/୨୦୧୯) ରୁଜୁ କରିଛି। ଗଛ କଟାକୁ ବିରୋଧ କରିବାକୁ ନେଇ ଏଭଳି ଆକ୍ରମଣ ହୋଇଥିବା ପୋଲିସ କହିଛି।

■ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ସ୍ଥିତାବସ୍ଥାକୁ ନେଇ ପୁଣି ବିବାଦ

# ମେଳ ଖାଉନି ତହସିଲଦାରଙ୍କ ରିପୋର୍ଟ

ଜଗତ୍‌ସିଂହପୁର ଅଫିସ,୧୮।୮

**ଜମିକୁ ନେଇ ଉଠିଲା ଅଭିଯୋଗ**
- ■ପୂର୍ବତନ ଓ ବର୍ତ୍ତମାନର ତହସିଲଦାରଙ୍କ ରିପୋର୍ଟରେ ଭିନ୍ନ ତଥ୍ୟ
- ■ଡିଇଓଙ୍କୁ ନ ଜଣାଇ ତହସିଲଦାରଙ୍କୁ ଚିଠି କରିଛନ୍ତି ଡିଏସ୍‌ଇ ଉପନିର୍ଦ୍ଦେଶକ
- ■ଚାଞ୍ଚଲ୍ୟପୂର୍ଣ୍ଣ ଉତ୍ତର ଦେଲେ ତହସିଲଦାର

ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବିଭିନ୍ନ କାରଣକୁ ନେଇ ବର୍ଷାଧିକ କାଳ ହେବ ଚର୍ଚ୍ଚାରେ ରହିଛି। କେତେବେଳେ ଜାଲ ଜମି କାଗଜପତ୍ର ଦାଖଲ କରି ଏନ୍‌ଓସି ପାଇଥିବା ଅଭିଯୋଗ ହେଉଛି ତ ପୁଣି କେତେବେଳେ ପ୍ରଶ୍ନପତ୍ର ଲିକ୍ ଓ ଶିକ୍ଷା ଅଧିକାର ଆଇନର ଉଲ୍ଲଂଘନ କରିଥିବା କୁହାଯାଉଛି। ଶିକ୍ଷାନୁଷ୍ଠାନଟି ବେଆଇନ ଭାବେ ଚାଲିଥିବାବେଳେ ଶିକ୍ଷା ବିଭାଗ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। କେବଳ ଶିକ୍ଷା ବିଭାଗ ନୁହେଁ, ସ୍ଥାନୀୟ ତହସିଲଦାର ଏହି ହାଇସ୍କୁଲର ସ୍ଥିତାବସ୍ଥା ଉପରେ ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକଙ୍କୁ ଯେଉଁ ରିପୋର୍ଟ ଦେଇଛନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ଏହି ଶିକ୍ଷାନୁଷ୍ଠାନଟି ଗୋଟିଏ ପ୍ଲଟ୍ ଉପରେ (୬ ଡେସିମିଲ ଜମି) ଚାଲିଥିବା ପୂର୍ବତନ ତହସିଲଦାର ଦର୍ଶାଇଥିବା ବେଳେ ବର୍ତ୍ତମାନର ତହସିଲଦାର ୮ଟି ପ୍ଲଟ ଉପରେ ଚାଲିଥିବା ଉଲ୍ଲେଖ କରିଛନ୍ତି। ସେହିପରି ବର୍ତ୍ତମାନର ତହସିଲଦାର ଆଉ ଏକ ଭ୍ରମାତ୍ମକ ତଥ୍ୟ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏହି ୭ଟି ପ୍ଲଟ୍‌ର ପଟା ପାଇବା ପାଇଁ ଶିକ୍ଷାନୁଷ୍ଠାନ ସମ୍ପାଦକ ମ୍ୟୁଟେସନ୍ ମାମଲା କରିଛନ୍ତି। କିନ୍ତୁ ୮ଟି ପ୍ଲଟ୍ ପାଣିଶାଳିଆ ମୌଜାର ହୋଇଥିବାବେଳେ ମ୍ୟୁଟେସନ୍ ମାମଲା ହୋଇଥିବା ପ୍ଲଟ୍‌ଗୁଡିକ ମକୁନ୍ଦପୁର ମୌଜାର ବୋଲି ଅଭିଯୋଗ ହୋଇଛି। ଯେହେତୁ ମ୍ୟୁଟେସନ୍ ମାମଲା ହୋଇଥିବା ପ୍ଲଟ୍ ଓ ଶିକ୍ଷାନୁଷ୍ଠାନ ଚାଲିଥିବା ପ୍ଲଟ୍ ମଧ୍ୟରେ ସାମଞ୍ଜସ୍ୟ ରହୁନି, ତେଣୁ କେଉଁ ମହତ ଲକ୍ଷ୍ୟ ରଖି ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକଙ୍କୁ ତହସିଲଦାର ଏଭଳି ଦ୍ୱନ୍ଦ୍ୱାତ୍ମକ ରିପୋର୍ଟ ଦେଇଛନ୍ତି ତାହା ବୁଝାପଡୁନି। ଏ ସମ୍ପର୍କରେ ଜଗତ୍‌ସିଂହପୁର ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ସେ କହିଛନ୍ତି ଯେ, ପୂର୍ବତନ ତହସିଲଦାର କଣ ରିପୋର୍ଟ ଦେଇଥିଲେ ତାହା ଜାଣିନାହାନ୍ତି। ବର୍ତ୍ତମାନର ରିପୋର୍ଟରେ ତ୍ରୁଟି ଥିଲେ ସଂଶୋଧନ କରାଯିବ।

ଗତ ଏପ୍ରିଲରେ ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକ ଜଗତ୍‌ସିଂହପୁର ତହସିଲଦାରଙ୍କୁ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବିଲ୍ଡିଂର ସ୍ଥିତାବସ୍ଥା ଓ ଜମିର ସ୍ଥିତି ଉପରେ ରିପୋର୍ଟ ଦେବାକୁ ଅନୁରୋଧ କରିଥିଲେ। ଏନେଇ ତହସିଲଦାର ଭୋଇ ଉଲ୍ଲେଖ କରିଛନ୍ତି ଯେ ସେ କ୍ଷେତ୍ର ପରିଦର୍ଶନ କରିଥିଲେ। ୨୨।୪।୧୯ରେ ସେ ଅନୁଧ୍ୟାନରୁ ଜାଣିବାକୁ ପାଇଲେ ଯେ ଶିକ୍ଷାନୁଷ୍ଠାନଟି ପାଣିଶାଳିଆ ମୌଜାର ୮ଟି ପ୍ଲଟ୍ ଉପରେ ଚାଲିଛି। ଏଗୁଡିକ ହେଲା ଖାତା ସଂଖ୍ୟା ୪୩୭/୧୨୧ (ପ୍ଲଟ୍ ସଂଖ୍ୟା ୧୧୩୨/୧୪୨୦), ଖାତା ସଂଖ୍ୟା ୪୨୭/୨୬୫ (ପ୍ଲଟ୍ ସଂଖ୍ୟା–୧୧୩୫/୧୨୩୭, ୧୧୯୧/୧୧୩୧, ୧୧୯୦/୧୧୩୨), ଖାତା ସଂଖ୍ୟା ୪୯୯ (ପ୍ଲଟ୍ ସଂଖ୍ୟା ୧୧୩୫/୧୫୬୫), ଖାତା ସଂଖ୍ୟା ୪୯୮ (ପ୍ଲଟ୍ ସଂଖ୍ୟା ୧୧୩୫), ଖାତା ସଂଖ୍ୟା ୧୯୦ (ପ୍ଲଟ୍ ସଂଖ୍ୟା ୧୧୩୬) ଓ ଖାତା ସଂଖ୍ୟା ୧୯୧ (ପ୍ଲଟ୍ ସଂଖ୍ୟା ୧୧୩୭)। ବିଦ୍ୟାଳୟ କାର୍ଯ୍ୟକ୍ଷମ ସମ୍ପର୍କରେ ସମିତି ସମ୍ପାଦକ ଓ ଜମିର ମାଲିକାନା ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଚୁକ୍ତିନାମା ହୋଇଛି। ତହସିଲଦାର ତାଙ୍କ ପତ୍ରରେ ଏକଥା ମଧ୍ୟ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟଟି ବିନା ଦ୍ୱିଧାରେ ୨୦୦୪ରୁ ଚାଲିଛି। ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ଅଲ ସେଣ୍ଟ୍ସ ଏଜୁକେଶନ ସୋସାଇଟି ନେଇଛି। ଏହାର ସମ୍ପାଦକ ଅଛନ୍ତି ଅଶୋକ କୁମାର ମହାନ୍ତି। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସମ୍ପାଦକ ମଧ୍ୟ ମହାନ୍ତି ରହିଛନ୍ତି। ମହାନ୍ତି କହିଛନ୍ତି ସେ ବିଭିନ୍ନ ଲୋକଙ୍କଠାରୁ ବିଦ୍ୟାଳୟ ନାମରେ ଜମି କିଣିଛନ୍ତି। ଏହି ଜମିରେ ବିଦ୍ୟାଳୟ ବିଲ୍ଡିଂ ତିଆରି ହେବ। କିଣା ଯାଇଥିବା ଜମିର ପଟା ବାହାର କରିବା ପାଇଁ ମ୍ୟୁଟେସନ୍ ମାମଲା ସଂଖ୍ୟା ୧୯୭୯/୨୦୧୯, ୧୯୭୮/୨୦୧୯, ୧୯୯୩/୨୦୧୯, ୧୯୯୫/୨୦୧୯, ୨୦୦୨/୨୦୧୯, ୨୦୦୩/୨୦୧୯ ଓ ୨୦୦୪/୨୦୧୯ ରୁଜୁ କରାଯାଇଥିବା ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଥିବା ତହସିଲଦାର ରିପୋର୍ଟରେ ଦର୍ଶାଇଛନ୍ତି। ଏହିସବୁ ମାମଲାର ପ୍ଲଟଗୁଡିକ ମକୁନ୍ଦପୁର ମୌଜାରେ ଥିବା ସ୍ଥାନୀୟ କଣ୍ଟାପଡ଼ାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଏକାଧିକ ବ୍ୟକ୍ତି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମହାପାତ୍ରଙ୍କ ଅଭିଯୋଗ ହେଲା ଉକ୍ତ ବିଦ୍ୟାଳୟଟି ଜାଲ ଜମି ପଟା ଦେଇ ୨୦୦୮ରେ ଏନ୍‌ଓସି ପାଇଥିଲା। ଏଥିସହ ବିଦ୍ୟାଳୟରେ ଅନେକ ତ୍ରୁଟିବିଚ୍ୟୁତି ସମ୍ପର୍କରେ ଅତୀତରେ ତାଙ୍କ ସହ ଅନେକ ଛାତ୍ରାଭିଭାବକ ସ୍ୱର ଉଠାଇଥିଲେ। ପରେ ଶିକ୍ଷାନୁଷ୍ଠାନର ଏନ୍‌ଓସି ବାତିଲ ହୋଇଥିଲା। ଏହାଭିତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୧୭–୧୮ରୁ ୨୦୨୧–୨୨ ପର୍ଯ୍ୟନ୍ତ ୫ ବର୍ଷିଆ ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍ନାଇଜେସନ୍) ପାଇବା ପାଇଁ ଦରଖାସ୍ତ କରି ନିରାଶ ହୋଇଛନ୍ତି। ବିଦ୍ୟାଳୟ ଜାଲ ଜମି ଦେଇ ପୂର୍ବରୁ ଏନ୍‌ଓସି ପାଇଥିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ, ତତ୍କାଳୀନ ଜିଲାପାଳ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପ୍ରମୁଖ ଜାଣିଥିଲେ। ଏହାସତ୍ତ୍ୱେ କିଛି ମାସ ପୂର୍ବରୁ ହାଇସ୍କୁଲ ପାଇଁ ଉକ୍ତ ବିଦ୍ୟାଳୟ ଏନ୍‌ଓସି (ନୋ ଅବଜେକ୍ସନ୍ ସାର୍ଟିଫିକେଟ) ପାଇବାକୁ ସକ୍ଷମ ହୋଇଥିଲା। କିନ୍ତୁ ମିଥ୍ୟା କାଗଜପତ୍ର ଦାଖଲ କରି ଏନ୍‌ଓସି ପାଇଥିବା ଜଣାପଡିବା ପରେ ୭।୨।୧୯ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ବଳରେ ଏନ୍‌ଓସି ପ୍ରତ୍ୟାହାର କରିନିଆଯାଇଛି। ଏହାର ନକଲ ଆଇସିଏସ୍‌ଇ ସେକ୍ରେଟାରୀ, ଜଗତ୍‌ସିଂହପୁର ଡିଇଓ, ସେଣ୍ଟ ଜାଭିୟର ହାଇସ୍କୁଲ ସମ୍ପାଦକ ଓ ଗଣଶିକ୍ଷା ବିଭାଗ ଡେପୁଟି ସେକ୍ରେଟାରୀଙ୍କ ନିକଟକୁ ପଠାଯାଇଥିଲା। ଏହା ଜାଣି ମଧ୍ୟ ନିକଟରେ ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକ କେଉଁ ମହତ ଲକ୍ଷ୍ୟ ରଖି ଡିଇଓଙ୍କୁ ବାଦ୍ ଦେଇ ବିଦ୍ୟାଳୟର ସ୍ଥିତାବସ୍ଥା ଓ ଜମିର ସ୍ଥିତି ଉପରେ ତହସିଲଦାରଙ୍କଠାରୁ ସୂଚନା ମାଗିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। କାରଣ ଆଗରୁ ଏଭଳି କେବେ ହୋଇନାହିଁ। ବିଭାଗୀୟ ଉପନିର୍ଦ୍ଦେଶକ, ତହସିଲଦାର ଓ ଶିକ୍ଷାନୁଷ୍ଠାନ ସମ୍ପାଦକଙ୍କ ମଧ୍ୟରେ ବୁଝାମଣା ଥିବା ମହାପାତ୍ରଙ୍କ ସମେତ ଏକାଧିକ ବ୍ୟକ୍ତି ଅଭିଯୋଗ କରିଛନ୍ତି।

### ଗ୍ରନ୍ଥାଗାରିକ ପରମାନନ୍ଦ ମିଶ୍ର ସମ୍ମାନିତ

ତିର୍ତ୍ତୋଲ,୧୮।୮(ଡି.ଏନ.ଏ.)

ଉତ୍କଳ ଗ୍ରନ୍ଥାଗାରିକ ପରିଷଦ ତରଫରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ସମାରୋହରେ ଝଙ୍କଡ ସାହିତ୍ୟ ସଂସଦର ବରିଷ୍ଠ ସଭ୍ୟ ତଥା ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ପରମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ପ୍ରଫେସର ଡ. ବାମନ ଚରଣ ପରିଡା ମୁଖ୍ୟବକ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅଧକ୍ଷ ଲଲାଟେନ୍ଦୁ କେଶରୀ ଭୋଳ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଶ୍ର ଏକାଧାରରେ ଜଣେ ପ୍ରବୀଣ ଗ୍ରନ୍ଥାଗାରିକ, ଶିକ୍ଷାବିତ, କବି, ପ୍ରାବନ୍ଧିକ, ସଙ୍ଗଠକ ଓ ସାମାଜିକ ଭାବେ ଜଣାଶୁଣା। ଏହି ସଫଳତା ପାଇଁ ତାଙ୍କୁ ଝଙ୍କଡ଼ ସାହିତ୍ୟ ସଂସଦ, ସୁଶ୍ରୀ ଶୁଭଶ୍ରୀ, ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦ, ଲୋକନାଥ ସ୍ମୃତି ସାହିତ୍ୟର ସଂସଦ ତରଫରୁ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ବାସବ କୁମାର ନନ୍ଦ, ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ସମ୍ପାଦିକା ରାଜଶ୍ରୀ ସ୍ୱାଇଁ, ଆରତୀ ତ୍ରିପାଠୀ, ତିର୍ତ୍ତୋଲ କଲେଜ ଅଧକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ଦୂରଦର୍ଶନର ପୂର୍ବତନ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ଅଭିନନ୍ଦନ ଜଣାଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପୋଲିସର ପରିଚୟପତ୍ର ପ୍ରଦାନ

କୁଜଙ୍ଗ,୧୮।୮(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ବରିଷ୍ଠ ନାଗରିକ।

କୁଜଙ୍ଗ ବ୍ଲକର ଶତାଧିକ ବରିଷ୍ଠ ନାଗରିକଙ୍କୁ ପୋଲିସ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଛି। କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ଭାରତୀୟ ସମ୍ବିଧାନର ଧାରା ୪୧ର ରାଷ୍ଟ୍ରୀୟ ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ନୀତି–୨୦୧୬ ସମ୍ପର୍କରେ ବିଷଦ ଆଲୋଚନା କରି ପ୍ରତ୍ୟେକ ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସେଲ୍, ଜଣେ ନୋଡାଲ ଅଫିସର ନିଯୁକ୍ତ କରିବା, ଅସହାୟଙ୍କୁ ଚିହ୍ନଟ, ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନିରିକ୍ ଔଷଧ ବ୍ୟବସ୍ଥା, ୫୦ ପ୍ରତିଶତ ଶଯ୍ୟା ସଂରକ୍ଷଣ, ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ, ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରେ ୫୦ ପ୍ରତିଶତ ରିହାତି, ବସ୍‌ଯାତ୍ରାରେ ରିହାତି, ଯୋଗ ପ୍ରାଣାୟାମ, ଆୟୁର୍ବେଦିକ ଚିକିତ୍ସା ସେବା, ଚିତ୍ତ ବିନୋଦନ କେନ୍ଦ୍ର ଖୋଲିବାକୁ କହିଥିଲେ। ସେହିପରି ସରକାର ବାର୍ଦ୍ଧକ୍ୟ ଭତ୍ତା ୨୫୦୦ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି କରିଥିଲେ। କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ନିଶାକର ମୁଦୁଲି, ପ୍ରଭାକର ମଲିକ, ଡା. କାହ୍ନୁଚରଣ ସ୍ୱାଇଁ, ରଜନୀକାନ୍ତ ଦାସ, ଦ୍ୱୀଜବର ବେହେରା, ଏସ୍‌ଆଇ ଶୁଭ୍ରଜିତ୍ ଦାସ, ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ମାଝୀ, ନବୀନ ପ୍ରଧାନ, ବିଜୟ ଖଟେଇ, କାର୍ତ୍ତିକ ଦାସ, ଦେବୀ ପଟ୍ଟନାୟକ ଓ ଗୋପବନ୍ଧୁ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସମାଜରେ ସଂସ୍କାର ଆଣିପାରିବ ଶ୍ରୀମଦ ଭାଗବତ

ବିରିଡ଼ି,୧୮।୮(ଡି.ଏନ.ଏ)

ଶ୍ରୀମଦ ଭାଗବତକୁ ପଠନ, ଶ୍ରବଣ ଓ ମନନ କଲେ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହୁଏ। ଏହା ହିଁ ସମାଜରେ ସଂସ୍କାର ଆଣିପାରିବ ବୋଲି ଶନିବାର ବିରିଡ଼ି ବ୍ଲକ ଦରଡ଼ା ପଞ୍ଚାୟତର ମାଳିକା ପ୍ରସିଦ୍ଧ ରତ୍ନଯୋଡ଼ିଠାରେ ଗହଣ ଦଳ ପକ୍ଷରୁ ଆୟୋଜିତ ଶ୍ରୀମଦ ଭାଗବତ ଆଲୋଚନାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ହୃଦୟରେ କୃଷ୍ଣ ପ୍ରେମ ସୃଷ୍ଟି କରିବା ଦିଗରେ ଭାଗବତ ହେଉଛି ଏକ ମାତ୍ର ଗ୍ରନ୍ଥ। ତେଣୁ ଭାଗବତକୁ ବିଶ୍ୱାସ କରି ଗ୍ରାମର କଳିଝଗଡ଼ା ଭାଗବତ ଟୁଙ୍ଗିରେ ହିଁ ସମାଧାନ କରାଯାଇ ଭାଇଚାରା ସୃଷ୍ଟି କରାଯାଏ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ଗହଣ ଦଳର ରାଜା ନରସିଂହ ଦେବ, ଡା. ସ୍ନେହଲତା ଦାସ, ସ୍ଥାନୀୟ ସରପଞ୍ଚ ଧନଞ୍ଜୟ ମହାପାତ୍ର, ଶତ୍ରୁଘ୍ନ ସ୍ୱାଇଁ, ନିନେସ ମାଝି, ରତ୍ନବଟ ମଣ୍ଡଳ ସଭ୍ୟ ବିଭୂତି ଭୂଷଣ ମିଶ୍ର, ଲିଙ୍ଗରାଜ ଦାସ, ସରୋଜିନୀ ପ୍ରଧାନ ଉପସ୍ଥିତ ଥିଲେ। ଭ୍ରମରବର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶ୍ରମିକନେତା ବିଷ୍ଣୁ ଚରଣ ମୁଦୁଲି ସମ୍ବର୍ଦ୍ଧିତ




ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କୁଜଙ୍ଗ,୧୮।୮(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ୍ ପୋତାନଈ ପଞ୍ଚାୟତ ଗବଡି ଗ୍ରାମର ଶ୍ରମିକନେତା ବିଷ୍ଣୁ ଚରଣ ମୁଦୁଲି ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି(ଇସ୍‌କଫ୍) ପକ୍ଷରୁ ସାମାଜିକ ମୈତ୍ରୀ ସଙ୍ଗଠନ ଅନୁରୋଧ କ୍ରମେ ଜୁଲାଇ ୧୫ରୁ ୨୦ ପର୍ଯ୍ୟନ୍ତ ଭିଏତନାମ ଗସ୍ତରେ ଯାଇଥିଲେ। ସେଠାରେ ସେ ସମ୍ବର୍ଦ୍ଧିତ ହୋଇ ଫେରିଛନ୍ତି। ଏହି ଗସ୍ତରେ ୧୨ ଜଣ ପ୍ରତିନିଧି ଥିବାବେଳେ ସେମାନେ ଭିଏତନାମାର ହାନୋଇ, କ୍ୱାଂନିନ୍, ହ୍ୱାବିନ୍ ପ୍ରୋଭିନ୍, ହାରଲେଙ୍ଗ ବେ, ହୋଚିମିନ୍ ସଂଗ୍ରହାଳୟ, ପ୍ରେସିଡେନ୍‌ସିଆଲ ପ୍ୟାଲେସରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭିଏତ୍‌ନାମ ଓ ଭାରତର ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମରେ ଶ୍ରମିକନେତା ମୁଦୁଲିଙ୍କ କାର୍ଯ୍ୟକୁ ଭୁପୋର ସଭାନେତ୍ରୀ ମାଡାମ୍ ଏନ୍‌ଗୁଏନ୍ ଖବାନ ଏଙ୍ଗା ଉଚ୍ଚ ପ୍ରଶଂସା କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିନିମନ୍ତେ ରବିବାର କଟକ ବାରବାଟୀ ଷ୍ଟାଡିୟମରେ ଇସ୍‌କଫ୍‌ର ଅଖିଳ ଭାରତ ସାଧାରଣ ସମ୍ପାଦକ ବିଜୟ କୁମାର ପଢିଆରୀ, ରାଜ୍ୟ ସଭାପତି ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀ, ଉପସଭାପତି ଶକ୍ତିଧର ଦାସ, ବିଜୁ ଶ୍ରମିକ ସାମୁଖ୍ୟ ସଭାପତି ସୁବାସ ସିଂହ, ରାଜ୍ୟ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି, ଶିକ୍ଷକ ନେତା ବିବେକାନନ୍ଦ ଦାସ, ହରିଶ ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି। ପାରାଦୀପ ଇସ୍‌କଫର ସମ୍ପାଦକ ଥିବା ଏହି ଶ୍ରମିକ ନେତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପ୍ରତ୍ୟେକ ଘରେ ଭାଗବତ ପଠନ ଆବଶ୍ୟକ

ନାଉଗାଁ,୧୮।୮(ସ୍ୱ.ପ୍ର.)

ନାଉଗାଁ ରୋହିଆ ଗ୍ରାମରେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଛି। ରୋହିଆ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ୭ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରବକ୍ତାଭାବେ କେନ୍ଦ୍ରୀୟ ସତ୍ୟସଭା ମଣ୍ଡଳର ସଭାପତି ବାବା ସତ୍ୟାନନ୍ଦ ଦାସ ଯୋଗଦେଇ କହିଲେ ଯେ ସମସ୍ତଙ୍କ ଜୀବନରେ ଭାଗବତର ଆବଶ୍ୟକତା ରହିଛି। ଭାଗବତ ପଠନ ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ। ବିଶେଷ କରି ଯୁବପିଢି ଭାଗବତ ପଠନ କଲେ ସମାଜରୁ ଅରାଜକତା ଦୁରେଇ ଯିବ। ତେଣୁ ପ୍ରତ୍ୟେକ ଘରେ ଭାଗବତ ପଠନ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ରୋହିଆ ଭାଗବତ ପ୍ରଚାର ସମିତି ସଭାପତି ଗିରିଧାରୀ ମହାନ୍ତ, ଅର୍ଜୁନ ଚରଣ ରାଉତ, ନିରଞ୍ଜନ ମହାନ୍ତି, କମଳ ଲୋଚନ ମହାନ୍ତି, ରାଜକିଶୋର ମହାନ୍ତି, ଅରୁଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## କରିମୂଳ ସ୍କୁଲର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର,୧୮।୮ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତ କରିମୂଳ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଯଶୋବନ୍ତ ରାଉତ ବୃତ୍ତି ଲାଭ କରି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଉପଲକ୍ଷେ ଅଧ୍ୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ସଭାର ଆୟୋଜନ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ଯଶୋବନ୍ତଙ୍କ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ତୃତୀୟ ଶ୍ରେଣୀରେ ବୃତ୍ତିଲାଭ କରି ବିଦ୍ୟାଳୟର ଗୌରବ ବଢାଇବା ସହ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପଲଟିଛନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଷଡଙ୍ଗୀ ମତବ୍ୟକ୍ତ କରିଥିଲେ। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ଶିକ୍ଷୟିତ୍ରୀଶିକ୍ଷକମାନେ ଆଶୀର୍ବାଦ ପ୍ରଦାନ କରିଥିଲେ। ଏଥିରେ ରବୀନ୍ଦ୍ର ନାଥ ମହାରଣା, ପତୀମା ଲେଙ୍କା, ଜୟଶ୍ରୀ ବିଶ୍ୱାଳ, ବାସନ୍ତୀ ରାଉତ, ସୁମିତ୍ରା ମହାରଣା, ସଂଯୁକ୍ତା ମହାରଣା ସଂଯୁକ୍ତ ବେହେରା ଯୋଗ ଦେଇଥିବାବେଳେ ଶିକ୍ଷୟିତ୍ରୀ ରୀତାଞ୍ଜଳି ବଳ ଧନ୍ୟବାଦ ଦେଇଥିଲେ।



ଅତିଥି କୃତି ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି।

■ ଘେରିବନ୍ଧ କାଟିଦେଲା ତୈଳ ବିଶୋଧନାଗାର

# ଧାନକ୍ଷେତରେ ଲହଡ଼ି ମାରୁଛି ପାଣି

ବାଲିକୁଦା,୧୮।୮(ସ୍ୱ.ପ୍ର.)

**ଗହୀରରେ କୃତ୍ରିମ ବନ୍ୟା**



- ■କ୍ଷତିଗ୍ରସ୍ତ ହେବେ ୭ ଶହ ଚାଷୀ ପରିବାର
- ■ଜିଲାପାଳଙ୍କୁ ଅଭିଯୋଗ ପରେ ମଧ ପ୍ରତିକାର ନାହିଁ

ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତରେ ଏବେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଖରାଦିନେ ପାରାଦୀପ ତୈଳ ବିଶୋଧନାଗାର ପାଇପ ଲାଇନ କାମ ବେଳେ ମଠସାହି ଘେରିବନ୍ଧକୁ କାଟି ଖୋଲାଇ ଦିଆଯାଇଥିଲା। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ସେହିପରି ଚଳିତବର୍ଷ ଜଳ ନିଷ୍କାସନ ନିମନ୍ତେ ଅନେକ କାମ ହାତକୁ ନିଆଯାଇଥିବାବେଳେ କୌଣସି ଗୋଟିଏ ସ୍ଥାନରେ ସାଇଫନ ନିର୍ମାଣ ହୋଇପାରିନାହିଁ। ଫଳରେ ସମସ୍ୟା ଅଧିକ ଜଟିଳ ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଗତ ୧୩ ତାରିଖରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ପଞ୍ଚାୟତ ପରିଦର୍ଶନରେ ଆସିଥିବାବେଳେ ଅଞ୍ଚଳବାସୀ ଏ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ହଜାର ଏକ ଫସଲ ଏବେ କୃତ୍ରିମ ବନ୍ୟାଜଳରେ ବୁଡି ରହିଛି। ଜମିରୁ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ କରିବାକୁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ମଠସାହି ଗାଁର ଚାଷୀମାନେ ଘର ପିଛା ଚାନ୍ଦା କରି ନିଜ ଅର୍ଥରେ ଘେରିବନ୍ଧ କରିଥିଲେ। ଫଳରେ ବାହାର ପାଣି ଗହିର ଭିତରକୁ ପ୍ରବେଶ କରି ପାରୁ ନ ଥିଲା। ମାତ୍ର ଚଳିତବର୍ଷ ତୈଳ ବିଶୋଧନାଗାର ପାଇପ୍ ଲାଇନ କାମ ଚାଲୁଥିବାବେଳେ କମ୍ପାନୀର ଗାଡ଼ି ଚଳାଚଳରେ ଅସୁବିଧା ହେବାରୁ ଉକ୍ତ ଘେରିବନ୍ଧକୁ କାଟି ଦିଆଯାଇଥିଲା। ବର୍ଷାଦିନ ଆସିବା ପୂର୍ବରୁ କମ୍ପାନୀ କାମ ସାରି ଚାଲିଯାଇଥିବାବେଳେ ଘେରିବନ୍ଧ ଆଉ ମରାମତି କରି ନ ଥିଲା। ବର୍ଷା ଦିନେ ସାରା ଜିଲାର ଅର୍ଦ୍ଧାଧିକ ବର୍ଷାଜଳ ମଠସାହିର ଚାଷଜମି ଦେଇ ନିଷ୍କାସିତ ହୋଇଥାଏ। ଜିଲାର ସିଦ୍ଧଳଠାରୁ ଚଷାପଡା, ସିଙ୍ଗିରି, କରମଙ୍ଗ, ମୂଳୁଗାଁ, ଗଉଡ଼ସାହି, ମହାଦେଇବ୍ରହ୍ମପୁର, ଦଳେଇ ତୋଟା, ଅସାରଣା, ସାରଣା, ମଠସାହି, ଦିଗୋଡା ଆଦି ଗ୍ରାମର ବର୍ଷା ଜଳ ଏହି ବାଟ ଦେଇ ନିକଟସ୍ଥ ହଂସୁଆ ନଦୀକୁ ଯାଇଥାଏ। ମାତ୍ର ଡ୍ରେନେଜ ଅଧିକାରୀଙ୍କ ବେପରୁଆ ମନୋଭାବ ଓ ତୈଳ ବିଶୋଧନାଗାର କାମ ପାଇଁ ଚଳିତବର୍ଷ ତଣ୍ଡିକୁଳ ପଞ୍ଚାୟତର ହଜାର ହଜାର ଏକର ଚାଷ ଜମି ପାଣିରେ ବୁଡି ରହିଛି। ତଳିଆ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳର ଚାଷୀ ଭାଇମାନେ ପ୍ରାୟ ୭୦ ଭାଗ ଜମିରେ ଧାନ ରୋଇ ସାରିଥିଲେ। ମାତ୍ର ଜମିରେ ପାଣି ଜମି ରହିବା ଫଳରେ ଯାହା ରୁଆ ହୋଇଥିଲା ସବୁ ପଚିସଢି ଗଲାଣି। ଏପଟେ ତଳି ଘେରାରେ ଆଉ ତଳି ନାହିଁ। ଯାହା ତଳି ଥିଲା ସେଥିରେ ମଧ୍ୟ ପାଣି ଜମି ରହିବାରୁ ତାହା କ୍ଷତିଗ୍ରସ୍ତ ହୋଇଛି। ଏଥିରେ ବିଶେଷ ଭାବେ ସାରଣା, ଅସାରଣା, ମଠସାହି, ଦିଗୋଡ଼ା, ଶଙ୍କରସାହି, ତିହୁଡି, ପୋଦନା, ନାନକାର, ବସନ୍ତପୁର ଓ ତଣ୍ଡିକୁଳ ଗ୍ରାମର ଶହ ଶହ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଜମିରେ ଏତେ ପରିମାଣର ଜଳ ଲହଡ଼ା ମାରୁଛି ଯେ, ତାହା ବନ୍ୟାର ଏକ ଭ୍ରମ ସୃଷ୍ଟି କରୁଛି। ଉପଯୁକ୍ତ ଅନୁଧ୍ୟାନ କରି ସିଦ୍ଧଳ ରଙ୍କେଇ ସଫେଇରେ ଥିବା ଦଳ ସଫା କରିବା ଓ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ସାଇଫନ ଓ ସ୍ଲୁଇସ ଗେଟ୍ ନିର୍ମାଣ କରିବାକୁ ଜିଲାପାଳ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୯/୨୦୧୯ Bhubaneswar, Monday, August 19/2019

## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର,୧୮।୮(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗତ ଜୁଲାଇରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.୧୮୨/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଶନିବାର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୋଳଥଳ ଗ୍ରାମର ଏକାଦଶୀ ମଳିକ(୨୨)। ରବିବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳିକାଙ୍କୁ ଯାଜପୁରରୋଡସ୍ଥିତ ସୁଧାରଗୃହରେ ଛଡାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

### ଛେଳି ଚୋରିକୁ ନେଇ ହତ୍ୟାକାଣ୍ଡ ଘଟଣା, ଅଭିଯୁକ୍ତ ଗିରଫ

**କାଳିଆପାଣି,୧୮।୮(ଡି.ଏନ୍.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ପନାସିଆ ଗ୍ରାମରେ ଛେଳି ଚୋରିକୁ ନେଇ ଗତ ୧୪ ତାରିଖରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ପନାସିଆ ଗ୍ରାମର ସୁକୁରା ମୁଣ୍ଡା(୨୫)। ଶନିବାର କଳିଙ୍ଗନଗର ଥାନା ଅନ୍ତର୍ଗତ ମିରିଗଚରା ଗ୍ରାମଠାରେ ତାଙ୍କୁ କଳିଙ୍ଗନଗର ପୋଲିସ ସହାୟତାରେ ଗିରଫ କରାଯାଇଥିବା କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ପନାସିଆ ଗ୍ରାମର ଜଗତ ମୁଣ୍ଡା ଛେଳିକୁ ସୁକୁରା ଚୋରାଇ ନେଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁକୁରା କଟୁରୀରେ ଜଗତଙ୍କୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଜଗତର ମୃତ୍ୟୁ ହୋଇଥିଲା। ଏହା ଦେଖି ସୁକୁରା ଫେରାର ହୋଇଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନ.୭୫/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଘଟଣାର ୪ ଦିନ ପରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି।

### ଜାଲ ପରମିଟ୍‌ରେ ପଥର ଚାଲାଣ

**ସୋର, ୧୮।୮(ଡି.ଏନ.ଏ.):** ସୋର ମଙ୍ଗଳପୁର ରାସ୍ତା ଆଙ୍ଗୁଳା ଛକରେ ରବିବାର ବେଆଇନ୍ ପଥର ବୋଝେଇ ଡମ୍ଫର ଉପରେ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିବା ବେଳେ ଡ୍ରାଇଭର ଚଞ୍ଚକତା କରି ଖସିଯାଇଛନ୍ତି। ଏହି ଛକରେ ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ପୋଲିସ ଉପସ୍ଥିତିରେ ବେଆଇନ ପଥର ଚାଲାଣ ହେଉଥିବା ଅଭିଯୋଗରେ ଚଢ଼ାଉ କରିଥିଲେ। ଏହି ସମୟରେ ଖାଦାନରୁ ଆସୁଥିବା ପଥର ବୋଝେଇ ଡମ୍ଫର (ନଂ.ଓଡି-୦୪ଡି- ୭୪୧୯)ର ଡ୍ରାଇଭର ଦେଖାଇଥିବା ପରମିଟ୍ କାଗଜପତ୍ର ଜାଲ ଥିବା ଜଣାପଡିଥିଲା। ଏହି ଗାଡିକୁ ପୋଲିସ ସହାୟତାରେ ଥାନାକୁ ଅଣାଯାଉଥିବା ବେଳେ ଡ୍ରାଇଭର ରାସ୍ତାରେ ଗାଡି ଅଟକାଇ ଖରାପ ହୋଇଥିବା କହି ତଳକୁ ଓହ୍ଲାଇ ଗାଡି ତ୍ରୁଟି ଦେଖିବା ବାହାନାରେ ପଛରୁ ଆସୁଥିବା ଏକ ସ୍କୁଟିରେ ବସି ଚମ୍ପଟ ମାରିଥିଲେ। ଡମ୍ଫର ରାସ୍ତାରେ କିଛି ସମୟ ଅଟକି ରହିବା ପରେ ପୁଲିସ ଏହି ଡମ୍ଫରକୁ ଆଣି ଥାନାରେ ଅଟକ ରଖି ଜାଲ ଘଟଣାର ତଦନ୍ତ କରୁଛି। ଏନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଧରାପଡିଥିବା ପଥର ବୋଝେଇ ଡମ୍ଫର ଡ୍ରାଇଭର ତଦନ୍ତ ବେଳେ ଅସହଯୋଗ କରିଥିବା ସହ ଜାଲ କାଗଜପତ୍ର ପ୍ରସ୍ତୁତି କରିଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଗାଡି ମାଲିକ ସନ୍ତରାଗଡ଼ିଆ ଅଞ୍ଚଳର ରମାକାନ୍ତ ମଲ୍ଲିକ ବୋଲି ଜଣାପଡିଛି।

# ମା’ ସମ୍ମୁଖରୁ ଯୁବତୀଙ୍କୁ ଟେକି ନେଇ ଆକ୍ରମଣ

**ରସୁଲପୁର,୧୮।୮(ଡିଏନଏ)**

ଯାଜପୁର ଜିଲା କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଗ୍ରାମରେ ଜଣେ ଯୁବତୀଙ୍କୁ ରାସ୍ତାରୁ ଟେକି ନେଇ ନିସ୍ତୁକ ପିଟିବା ସହ ଥାନାରୁ ମାମଲା ନ ଉଠାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏ ସମ୍ପର୍କରେ ଯୁବତୀଙ୍କ ବାପା କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ସକାଳେ ଯୁବତୀ ଜଣକ ତାଙ୍କ ମା’ଙ୍କ ସହ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଫେରୁଥିବାବେଳେ ସତ୍ୟଜିତ୍ ରାଉତ, ତାଙ୍କ ବାପା ଅଶୋକ, ଦାଦା ଅଜୟ, ସମୀର, ଅକ୍ଷୟ, ପ୍ରଭାତି, ଅଭୟ, ଜାନକୀ ରାଉତ ମା’ ସମ୍ମୁଖରୁ ଝିଅକୁ ଉଠାଇ ନେଇଥିଲେ। ଅଶୋକ ତାଙ୍କୁ ଘର ଭିତରେ ପୂରାଇ କବାଟ ବନ୍ଦ କରିଦେଇଥିଲେ। ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ଏକ ଧାରୁଆ ଅସ୍ତ୍ରରେ ଦେହର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରିଦେଇଥିଲେ। ସେମାନଙ୍କ ନାଁରେ ସେ ଦେଇଥିବା କେସ୍ ଉଠାଇ ନେବାକୁ ଧକମ ଦେଇଥିଲେ। ନଚେତ୍ ସତ୍ୟଜିତ ଓ ତାଙ୍କ ପରିବାର ଲୋକେ ଯୁବତୀଙ୍କ ବାପାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ମା’ ପରିବାର ଲୋକଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ସତ୍ୟଜିତ୍ ଓ ତାଙ୍କ ପରିବାର ଲୋକେ ଯୁବତୀଙ୍କୁ ଘଟଣା ସମ୍ପର୍କରେ କାହାରିକୁ ନ ଜଣାଇବାକୁ ଧମକ ଦେଇ ଛାଡ଼ି ଦେଇଥିଲେ। ପରେ ଯୁବତୀଙ୍କ ବାପା ଝିଅକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୨୦୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଥାଉକି, ସତ୍ୟଜିତ୍ ଉକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ଗତ ମେ ୨୨ରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୧୪୭/୧୯) ରୁଜୁ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ୧୫ ଦିନ ପରେ ଯୁବତୀ ଜଣକ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଓ ମହିଳା କମିଶନ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ପୋଲିସର କାଳକ୍ଷେପଣ ନୀତି ଯୋଗୁ ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟରୁ ଜାମିନ ମିଳିବାରେ ସୁବିଧା ହୋଇଥିଲା। ଜାମିନରେ ଆସିବା ପରେ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ପୁନର୍ବାର ଯୁବତୀଙ୍କ ପରିବାରକୁ ଆକ୍ରମଣ କରିଛନ୍ତି।

# ବର୍ଷାରେ ଭୁଶୁଡ଼ିଲା ଘର

## ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ବର୍ଷାରେ ଭୁଶୁଡ଼ି ପଡ଼ିଥିବା ଘର।

**କାଳିଆପାଣି,୧୮।୮(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ ରାଁସୋଳ ପାତ୍ରସାହିରେ ଶନିବାର ରାତ୍ରିରେ ପ୍ରବଳ ବର୍ଷା ଯୋଗୁ ରବିନାରାୟଣ ପାତ୍ରଙ୍କ ଗୃହ ଭୁଶୁଡ଼ିପଡିଛି। ରବିବାର ସକାଳୁ ଖବର ପାଇ ସ୍ଥାନୀୟ ଭାଜପା ନେତା ଦ୍ୱିଲୀପ ପାତ୍ର , ଲମ୍ବୋଦର ମହାନ୍ତ, କୁନା ମହାନ୍ତ, ସଚିଦା ନନ୍ଦ ମୁର୍ମୁ, କୈଳାଶ ମହାକୁଡ଼ ପ୍ରମୁଖ ରବିଙ୍କୁ ଭେଟି ଆଶ୍ୱସନା ଦେବା ସହ ତୁରନ୍ତ ତାଙ୍କୁ ଘର ଓ ଚଳିଣି ପାଇଁ ଆବଶ୍ୟକ ଆସବାବପତ୍ର ଯୋଗାଇଦେବାକୁ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।

ପ୍ରକାଶ ଯେ, ରବି ନାରାୟଣ କାଳିଆପାଣି ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ୨୦ ବର୍ଷ ପୂର୍ବରୁ ଏକ ଇନ୍ଦିରାଆବାସ ଯୋଜନାରେ ଗୃହ ନିର୍ମାଣ କରିଥିଲେ। ଶନିବାର ସେ ପରିବାର ଲୋକଙ୍କ ସହ ଶୋଇଥିବା ବଳେ ବର୍ଷାରେ ଛାତ ଭୁଶୁଡ଼ିବା ଶବ୍ଦ ଶୁଣି ପରିବାର ସହ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ। ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ସାହି କୋଠ ଘରେ ଏବେ ରବି ପରିବାର ସହ ଆଶ୍ରୟ ନେଇଥିବା ଜଣାପଡିଛି।

# ବିପଦସଙ୍କୁଳ ଅବସ୍ଥାରେ ଖଣ୍ଡିଆ ବନ୍ଧ ପୋଲ, ରାସ୍ତା



**ଜେନାପୁର,୧୮।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ରେଳବାଇ ଲେଭୁଲ କ୍ରସିଂ ନିକଟସ୍ଥ ଖଣ୍ଡିଆ ବନ୍ଧ ପୋଲ ଓ ରାସ୍ତା ବିପଦସଙ୍କୁଳ ଅବସ୍ଥା ରହିଛି। ଏହି ପୁରାତନ ପୋଲଟିର କାନ୍ଥରୁ ପଥର ଖସୁଛି। ପୋଲଟିରେ ବାଡା ନ ଥିବାରୁ ଅନେକ ଛୋଟବଡ ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଏକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଗାଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏବେ ବର୍ଷାରେ ପୋଲ ଉପରେ ସିଯୁଲି ଜମିବାରୁ ଯାତାୟାତ ବାଧା ପ୍ରାପ୍ତ ହେଉଛି। ସେହିପରି ପୋଲକୁ ଲାଗିଥିବା ରାସ୍ତାଟି ମରାମତି ଅଭାବରୁ ଖାଲଖମା ସୃଷ୍ଟି ହୋଇଛି। ବର୍ଷାରେ ଉକ୍ତସ୍ଥାନରେ ପାଣି ଜମିରହିବାରୁ ଦୁର୍ଘଟଣା ଘଟୁଛି। ଏହି ପୋଲ ଓ ରାସ୍ତା ଉପରେ ଦୈନିକ ୧୦ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବାଡ଼ା ଓ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତେଲ ଟ୍ୟାଙ୍କର ଜବତ, ଡ୍ରାଇଭର କୋର୍ଟ ଚାଲାଣ

**ଚଣ୍ଡିଖୋଲ,୧୮।୮(ଡି.ଏନ୍.ଏ.)**

୫ନଂ କ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟା ଛକ ନିକଟରେ ଶନିବାର ଏକ ଡ୍ରାଇଭର ତେଲ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏଥିସହ ଟ୍ୟାଙ୍କରିକୁ ଜବତ କରିଛି। ଗିରଫ ଡ୍ରାଇଭର ହେଲେ ଭୁବନେଶ୍ୱର ଶାନ୍ତିପୁର ବସ୍ତିର କେଦାରସନ ପ୍ରଧାନ। ଏ ନେଇ ପୋଲିସ ଏକ ମାମଲା (ନଂ–୨୦୫/୧୯) ରଜୁକରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି।

## ଜଳିଗଲା ୨ ବଖରା

**ଚଣ୍ଡିଖୋଲ,୧୮।୮(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଆ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ନୀଳମଣୀ ମଲିକ ଓ ଅବିନାଶ ମଲିକଙ୍କ ଘର ସହ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ନିଆଁରେ ସମସ୍ତ ଜିନିଷ ପୋଡ଼ି ଯାଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ନୀଳମଣି ଓ ଅବିନାଶ ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମୋବାଇଲ ଚୋରି ଅଭିଯୋଗ, ୨ କୋର୍ଟ ଚାଲାଣ

**କାଳିଆପାଣି,୧୮।୮(ଡି.ଏନ୍.ଏ.)**

ଟାଟା ହାଟବଜାରରୁ ମୋବାଇ ଚୋରି ଘଟଣାରେ ରବିର ପୋଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁରୁଜଙ୍ଗ ଗ୍ରାମର ସୁରେଶ ବେହେରା (୨୯) ଓ କଳିଙ୍ଗନଗର ଥାନା ଅନ୍ତର୍ଗତ ମିରିଗିଚରା ଗ୍ରାମର ରବିନ୍ଦ୍ର ବେହେରା(୨୫)। ଏହି ଘଟଣାରେ ସମ୍ପୃକ୍ତ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଶନିବାର ହାଟରୁ ରାଁସୋଳ ଗ୍ରାମର କାର୍ତ୍ତିକ (ଛୁଟୁ) ମହାନ୍ତର ମୋବାଇଲକୁ ନାବାଳକ ଜଣଙ୍କ ଚୋରିକରି ନେଇ ସୁରେଶ ଓ ରବୀନ୍ଦ୍ରଙ୍କୁ ଦେଇଥିଲେ। ଏହାପରେ ଉଭୟ ରାବାଣା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଗାଡିରେ ଲିଫ୍ଟ ମାଗି ଫେରାର ହୋଇଯାଉଥିଲେ।ଏହି ସମୟରେ କାର୍ତିକ ହାଟ ନିଲାମଧାରିକୁ ମୋବାଇଲ ଚୋରି ସମ୍ବନ୍ଧରେ ସୂଚନା ଦେଇଥିଲେ। ପରେ ହାଟଠାରୁ ୧ କିମି ଦୂରରୁ ଦୁଇ ଲୁଟେରାଙ୍କୁ ସ୍ଥାନୀୟ ଲୋକେ କାବୁ କରିନେଇଥିଲେ। ଏହି ଚୋରିରେ ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ ୭୬/୧୯) ରୁଜ କରି ରବିବାର ରବୀନ୍ଦ୍ର ଓ ସୁରେଶଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ବିଭୁତି ମହାପାତ୍ର ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରତ୍ନଗିରି,୧୮।୮(ଡି.ଏନ୍.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେଇଥିବା ରବିବାର ନାବାଳିକାଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.୧୯୫/୧୯) ରୁଜୁକରି ତଦନ୍ତ ଚଳାଇଛି। ନାବାଳିକାଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବ ବୋଲି ଥାନାଧିକାରୀ ଚକ୍ରପତି କଅଁର କହିଛନ୍ତି।

# ଫଳକରୁ ପୂର୍ବତନ ସରପଞ୍ଚଙ୍କ ନାମ ହଟାଯାଇଥିବା ଅଭିଯୋଗ

## ୬ ବର୍ଷ ତଳେ ହୋଇଥିଲା ଉଦ୍‌ଘାଟିତ

**ଦଶରଥପୁର,୧୮।୮(ଡିଏନ୍ଏ)**

ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତରେ ୬ବର୍ଷ ତଳେ ଉଦ୍‌ଘାଟିତ ହୋଇଥିଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ର। ତେବେ ୬ବର୍ଷ ପରେ ଉକ୍ତ କେନ୍ଦ୍ରର ଉନ୍ନତିକରଣ ଆଳରେ ଫଳକରୁ ପୂର୍ବତନ ସରପଞ୍ଚଙ୍କ ନାମ ହଟାଇ ଦିଆଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ସୂଚନା ଥାଉକି, ୨୦୧୧ରେ ରବିନାରାୟଣ ଯେନା ଗୋପାଳପୁର ସରପଞ୍ଚ ଥିଲେ। ସେହି ସମୟରେ ସେ ଉକ୍ତ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ କରାଇଥିଲେ। ଏହି କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ସେତେବେଳର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହ ବ୍ଲକ ଅଧକ୍ଷା ସଂଯୁକ୍ତା ମହାନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୃହକୁ ଉଦ୍‌ଘାଟନ କରିଥିଲେ। ସେହିଦିନଠାରୁ ଉଦ୍‌ଘାଟନୀ ଫଳକରେ ଅତିଥିଙ୍କ ନାମ ରହିଥିଲା। ମାତ୍ର ବର୍ତ୍ତମାନର ସରପଞ୍ଚ ସେହେନାଜ ବାନୁ ରାଜନୈତିକ ଆକ୍ରୋଶ ରଖି ସେବାକେନ୍ଦ୍ରର ଉନ୍ନତୀକରଣ ଆଳରେ ମାର୍ବଲ ପ୍ଲେଟ୍ ପକାଇବାକୁ ଯାଇ ଫଳକରେ ଲେଖାଥିବା ବିଧାୟକ, ବ୍ଲକ ଅଧକ୍ଷାଙ୍କ ନାମକୁ ଛାଡି ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଏବଂ ଜିଲାପରିଷଦ ସଭ୍ୟଙ୍କ ନାମକୁ ଫଳକରୁ କାଟି ବାଦ କରିଦେଇଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ଏ ନେଇ ପୂର୍ବତନ ସରପଞ୍ଚ ଏବଂ ତାଙ୍କ ସମର୍ଥକମାନେ ଜିଲାପାଳଙ୍କ ସହ ମଙ୍ଗଳପୁର ଥାନାଧିକାରୀ, ବିଡିଓଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସେହେନାଜ ବାନୁଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ସ୍କ୍ରାପ ବୋଝେଇ ଟ୍ରକ୍ ଜବତ, ୨ କୋର୍ଟ ଚାଲାଣ

**ଚଣ୍ଡିଖୋଲ,୧୮।୮(ଡି.ଏନ୍.ଏ.)**

ଯାଜପୁର ଜିଲା କଳିଙ୍ଗନଗର ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟରୁ ଚୋରା ଚାଲାଣ କରୁଥିବା ଷ୍ଟିଲ ପ୍ଲେଟ ର୍ୟାକେଟକୁ ପୋଲିସ ଧରିଥିବାପରେ ଚଣ୍ଡିଖୋଲରୁ ଏହି କାରବାର ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାକୁ ଆଧାର କରି ଶନିବାର ସନ୍ଧ୍ୟାରେ ଚଣ୍ଡିଖୋଲସ୍ଥିତ ଶାନ୍ତିଲତା ଓଜନ କଣ୍ଟାରେ ଚୋରା ସ୍କ୍ରାପ୍‌ଗାଡି ଓଜନ ହେଉଥିବା ଯାଜପୁର ରୋଡ ଏସ୍‌ଡିପିଓ କେଦାର ନାଥ ସାହୁ ଖବର ପାଇଥିଲେ। ଏନେଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରାଙ୍କୁ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଢାଉବେଳେ ପୋଲିସ ୧୮ ଟନ ବୋଝେଇ ହୋଇଥିବା ସ୍କ୍ରାପ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ଓ ଏହାକୁ ବାହାରକୁ ପଠାଉଥିବା କବାଡ଼ିଆ ଗୋଦାମର ମାଲିକଙ୍କୁ ଗିରଫ କରିଥିଲା। ଗିରଫ ଡ୍ରାଭିଭର ଜଣଙ୍କ ରାଜସ୍ଥାନ ଅଞ୍ଚଳର ନିମ୍ବରାମ ଓ କବାଡିଆ ମାଲିକ ପଙ୍କଜ କୁମାର ଜୟସ୍ୱାଲ। ଏ ନେଇ ପୋଲିସ ଏକ ମାମଲା (ନଂ–୧୮୩/୧୯) ରୁଜୁକରି ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ପଙ୍କଜ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ଏଠାରେ କବାଡ଼ିଆ ଦୋକାନ କରିଥିବା ବେଳେ ବିଭିନ୍ନ ସ୍ଥାନରୁ ବ୍ୟାପକ ଧରଣର ଚୋରା ସ୍କ୍ରାପ ଚଣ୍ଡିଖୋଲ ଅଞ୍ଚଳକୁ ଆସୁଛି। ଏଥିରେ ବହୁ ଲୋକ ସମ୍ପୃକ୍ତ ଅଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

ପ୍ରକାଶ ଯେ, ଦୀର୍ଘଦିନ ହେବ ଚଣ୍ଡିଖୋଲ ଛକର ନୂଆ ବଜାର ଓ ଫାଣ୍ଡି ନିକଟରେ ବେଆଇନ ଭାବେ କିଛି ଅଣଓଡିଆ ବ୍ୟକ୍ତି କବାଡିଆ ଦୋକାନ ଖୋଲିଛନ୍ତି। ଏମାନେ ମେସିନ ଓ ଗ୍ୟାସକଟର ସାହାଯରେ ଟ୍ରକ୍‌ଗୁଡିକୁ କାଟି ତାର ଯନ୍ତ୍ରାଂଶଗୁଡିକୁ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କେତେକ ଗାଡ଼ି ମାଲିକ ଗାଡି ଗୁଡିକୁ କବାଡିଆରେ ବିକି ଗାଡିର ବୀମା ଅର୍ଥ କମ୍ପାନୀଠାରୁ ଆଣି ଲାଭବାନ ହେଉଛନ୍ତି। ଏଭଳି ଏକ ର୍ୟାକେଟ ଦୀର୍ଘଦିନ ଧରି ଯାଜପୁର ଓ କେନ୍ଦୁଝର ଜିଲାରେ ସକ୍ରିୟ ଥିବା ଅଭିଯୋଗ ହେଉଛି।

## ଜାରକା ବଜାର ସଲଗ୍ନ ରାସ୍ତାରୁ ଉଚ୍ଛେଦ ଜାରି

**ଧର୍ମଶାଳା,୧୮।୮(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ପ୍ରଶାସନ ପକ୍ଷରୁ ରବିବାର ତୃତୀୟ ଦିନରେ ଧର୍ମଶାଳା–କବାଟବନ୍ଧ ରାସ୍ତାର ଶାନ୍ତି ବଜାରଠାରୁ ଧର୍ମଶାଳା କଲେଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଦେବୀ ପ୍ରସନ୍ନ ମହାନ୍ତି, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ତେବେ ଉଚ୍ଛେଦ ସମୟରେ ରାସ୍ତା ପାର୍ଶ୍ୱରେ ଥିବା ବହୁ ଛୋଟବଡ ଗଛକୁ କାଟି ଦିଆଯାଇଥିବାରୁ ରାସ୍ତା ପାର୍ଶ୍ୱରେ ଗଛ ଡାଳଗୁଡିକ ପଡି ଯାତାୟାତରେ ବାଧା ସୃଷ୍ଟି ହେଉଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ମଧ୍ୟ ଛିଡିଯାଇଛି। ସୋମବାର ଧର୍ମଶାଳା–କବାଟବନ୍ଧ ରାସ୍ତାର ନାକପୋଲ ବଜାର ଜବର ଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବର୍ଷା ଜଳ ହିଁ ଚାଷୀଙ୍କ ଭରସା



## ବରୀ ବ୍ଲକ

**ବରୀ, ୧୮।୮(ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ୮୦ ପ୍ରତିଶତ ଲୋକେ କୃଷି ଉପରେ ନିର୍ଭର କରନ୍ତି। ଜମିକୁ ଜଳ ସେଚନ ସୁବିଧା ନ ଥିବାରୁ ଚାଷୀଙ୍କ ପାଇଁ ବର୍ଷା କେବଳ ଭରସା ହୋଇ ରହିଛି। ଫଳରେ ଚଳିତ ବର୍ଷ ଆବଶ୍ୟକ ପରିମାଣର ବର୍ଷା ନ ହେବାରୁ ୮ ହଜାର ହେକ୍ଟର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବ୍ଲକ ଅଞ୍ଚଳରେ ଜୁଲାଇରେ ୩୫୦.୯ ମିଲିମିଟିର ବର୍ଷା ଆବଶ୍ୟକ ଥିବାବେଳେ ୧୨୩.୯୦ ମିମି ବର୍ଷା ଯୋଗୁ ଚାଷଜମୀ ପ୍ରଭାବିତ ହୋଇଥିଲା। ତେବେ ଅଗଷ୍ଟରେ ୩୪୧.୨ମିମି ବର୍ଷା ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୯୧.୭୦ମିମି ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ପାଇଁ ସହାୟକ ହୋଇଛି। ଅପରପକ୍ଷେ ଅଗଷ୍ଟ ମାସ ଶେଷ ସୁଦ୍ଧା ଶାରଦା ଧାନ ଥୋଡ଼ ଧରିବା କଥା କିନ୍ତୁ ବର୍ଷା ଅଭାବରୁ ଧାନ ଗଜା ହେବାକୁ ବସିଛି। ଶନିବାର ରାତିରେ ବରୀରେ ୧୦୦ ମିମି ବର୍ଷା ହେବା ପରେ ରବିବାର ସକାଳୁ ୩୦ ପ୍ରତିଶତ ଚାଷୀ ଶାରଦ ଧାନ ଜମିରେ ପୁନର୍ବାର ରୁଆ ପୋତା ଆରମ୍ଭ କରିଥିବା ଜଣାପଡ଼ିଛି। ଏହିପରି ବର୍ଷା ଲାଗି ରହିଲେ ଧାନ ଭଲ ହେବ ବୋଲି କୋଲନ୍‌ଗିରି ଗ୍ରାମର ବରିଷ୍ଠ ଚାଷୀ ଅକ୍ଷୟ ମଲ୍ଲିକ କହିଛନ୍ତି। ଏଥିସହ ୩ ଏକରରୁ ୭୫ ଭାଗ ଗଜା ମରୁଡ଼ି ହେବାକୁ ବସିଥିବା ବେଳେ ମାତ୍ର ୭ରୁ ୮ ଗୁଣ୍ଠରେ ଶାରଦ ପୁନର୍ବାର ରୋଇବା ଆରମ୍ଭ କରିଥିବା ସେ କହିଛନ୍ତି। ରତ୍ନଗିରି, ମହାକାଳପଡ଼ା, ଗମ୍ଭୁ, ଅମଠପୁର, ସ୍ୱାଇଁଖଣ୍ଡ, ଗୋଲକୁଣ୍ଡ, କୃଷ୍ଣନଗର, ବାଲିବିଲି,ଅଙ୍ଗାଳୋ, ମଧୁସୂଦନପୁର, ଅନ୍ୟାସପୁର, ଅଟିରା, ରମ୍ଭା ଆଦି ପଞ୍ଚାୟତରେ ସର୍ବାଧିକ ଧାନ ଚାଷ ହୋଇଥିବା ଜଣାପଡ଼ିଛି। ହେଲେ ଜଳସେଚନର ସୁବିଧା ନ ଥିବାରୁ ଚାଷୀଙ୍କୁ ଅଧିକାଂଶ ସମୟରେ ଚାଷ ଜମି ଉପରେ ନିର୍ଭର କରିବାକୁ ପଡୁଛି। ୧୯୮୦ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ବରୀ ବିଧାୟକ ଶ୍ରୀକାନ୍ତ ଜେନାଙ୍କ ଉଦ୍ୟମରେ ୬୦ଟି ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିରେ ବରୀର କିଛି ବେକାରି ଯୁବକ ନିଯୁକ୍ତି ପାଇଥିଲେ। ୮୦ରୁ ୯୦ଦଶକ ପର୍ଯ୍ୟନ୍ତ ଅଞ୍ଚଳରେ ଶାରଦ ଧାନ ଚାଷ ଏକର ପିଛା ୧୦ କୁଇଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଅମଳ ହେଉଥିଲା। ତେବେ ସମୟକ୍ରମେ ୬୦ଟି ଜଳ ପ୍ରକଳ୍ପ ବନ୍ଦ ହେବା ସହିତ ବରୀ ଅଞ୍ଚଳରୁ ଉଠା ଜଳ ସେଚନ ନିଗମ କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି। ଏବେ ଚାଷ ଜମିକୁ ଜଳସେଚିତ କରିବା ପାଇଁ ୩୫୦କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ଲିଫ୍ଟ ଇରିଗେଶନ୍ ବିଭାଗ ପକ୍ଷରୁ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ୍‌ରେ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ହେଲେ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମେଗା ଲିଫ୍ଟ ଇରିଗେଶନ୍‌ର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବରୀରେ ଜଳ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟ କରିବ ବୋଲି କହିଛନ୍ତି। କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ ଚାଷୀଙ୍କ ପାଇଁ ବର୍ଷା ହିଁ ଭରସା ବୋଲି କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡୁଚ୍ଛାକୁ ଛିଣ୍ଡି ଯାଉଛି,**
**ପାଳ ଦଉଡ଼ିଆ ଘଇତା ଦେଖି**
**ଆତ୍ମା ଉଡ଼ିଯାଉଛି ।**

ଉତ୍କଟ ଦାରିଦ୍ର୍ୟାବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ସ୍ୱାମୀର ଅଯୋଗ୍ୟପଣକୁ ଧିକ୍କାର କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡୁଚ୍ଛାକୁ ମଲି,**
**ଛିଣ୍ଡାକନାଯାକ ଗଣ୍ଠିଲି କଲି;**
**ଦାଣ୍ଡେ ଦାଣ୍ଡେ ଚାଲିଗଲି,**
**କେହି ନ କହିଲେ ଆସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମରିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କ ପକ୍ଷରୁ ଚାରାରୋପଣ

**ଛତିଆ,୧୮।୮(ଡି.ଏନ୍.ଏ.):** ବଡ଼ଚଣାବ୍ଲକ ଅନ୍ତର୍ଗତ ଛତିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଛତିଆ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବୈରୀ ଥାନାଧିକାରୀ ନିରଞ୍ଜନ ଶବର, ମୁଖ୍ୟବକ୍ତା ଭାବେ ବଡ଼ଚଣା ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ଛତିଆ ସ୍ୱାସ୍ଥ୍ୟାଧିକାରୀ ଅଶୋକ ମିଶ୍ର, ସରପଞ୍ଚ ନୟନା ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ମାଧବାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ଦାସ, ଅକ୍ଷୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା। କିଭଳି ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସବୁଜିମାମୟ କରାଯିବ ସେନେଇ ଅତିଥିମାନେ ଆଲୋକପାତ କରିଥିଲେ। ବୈରୀ ଆଇଆଇସି ନିରଞ୍ଜନ ଶବର ବରିଷ୍ଠ ନାଗରିକଙ୍କୁ ନିଜ ବାଡ଼ିରେ ଗୋଟିଏ ଲେଖାଏ ବୃକ୍ଷ ରୋପଣ କରିବାକୁ ଶପଥ ନେବା ପାଇଁ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ବରିଷ୍ଠ ନାଗରିକଙ୍କ ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଦେବାର୍ଚ୍ଚନ ସାହୁ, ପ୍ରିୟନାଥ ପୃଷ୍ଟି ସନ୍ତୋଷ ପ୍ରହରାଜ, ଅମୂଲ୍ୟ ତ୍ରିପାଠୀ ପ୍ରମୁଖଙ୍କ ସମେତ ବରିଷ୍ଠ ନାଗରିକ ସହୋଯୋଗ କରିଥିଲେ।

### ୫ମ, ୩ୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୃତ୍ତି ପରୀକ୍ଷା

**କୋରେଇ, ୧୮।୮(ସ୍ୱ.ପ୍ର.)-** କୋରେଇ ବ୍ଲକରେ ତୃତୀୟ ଓ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷା ୨ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ବ୍ଲକର ୨ଟି କେନ୍ଦ୍ର ଯଥା ବୈତରଣୀ ନୋଡ଼ାଲ ହାଇସ୍କୁଲ ବରୁଣ୍ଡେଇ ଓ ହିଙ୍ଗୁଳା ହାଇସ୍କୁଲ ବିଦ୍ୟାପୀଠ ଶଙ୍ଖଚିଲାଠାରେ ମୋଟ ୪୬୮ ଜଣ ଛାତ୍ରୀଛାତ୍ରଙ୍କ ମେଧା ବୃତ୍ତି ପରୀକ୍ଷା ଦେଇଛନ୍ତି । ରବିବାର ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୫ମ ଶ୍ରେଣୀ ଛାତ୍ରୀଛାତ୍ର ଓ ୨ଟାରୁ ୪ଟା ପର୍ଯ୍ୟନ୍ତ ୩ୟ ଶ୍ରେଣୀ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବୈତରଣୀ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ ବରୁଣ୍ଡେଇଠାରେ ୫ମ ଶ୍ରେଣୀରେ ମୋଟ ୧୩୩ରୁ୧୦୩ ଜଣ ପରୀକ୍ଷା ଦେଇଥିଲେ । ସେହିପରି ୩ୟ ଶ୍ରେଣୀ ମୋଟ ୧୩୨ ଜଣରୁ ୧୧୪ ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୫ମ ରୁ ୩୦ଜଣ ଛାତ୍ରୀଛାତ୍ର ଓ ୩ୟ ରୁ୧୮ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ସେହପରି ହିଙ୍ଗୁଳା ହାଇସ୍କୁଲ ବିଦ୍ୟାପୀଠ ଶଙ୍ଖଚିଲାଠାରେ ୫ମ ଶ୍ରେଣୀ ନିମନ୍ତେ ମୋଟ ୧୩୭ ଜଣ ପରୀକ୍ଷାର୍ଥୀରୁ ୧୨୩ ଜଣ ପରୀକ୍ଷା ଦେଇଥିଲେ। ୩ୟ ଶ୍ରେଣୀରେ ୧୩୭ ଜଣରୁ ୧୨୮ ଜଣ ପରୀକ୍ଷା ଦେଇଥିଲେ । ସେଥିଧ୍ୟମଧ୍ୟରୁ ୫ମ ରୁ ୧୪ ଜଣ ଛାତ୍ରୀଛାତ୍ର ଓ ୩ୟ ରୁ ୯ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପରୀକ୍ଷା ପରିଚାଳନା କରିଥିଲେ। ପ୍ରତି କେନ୍ଦ୍ରରେ ଜଣେ ଲେଖାଁଏ ପର୍ଯ୍ୟବେକ୍ଷକ ପରୀକ୍ଷା ତଦାରଖ କରିଥିଲେ। ହେଙ୍ଗୁଳା ହାଇସ୍କୁଲ ଶଙ୍ଖଚିଲାଠାରେ କୋରେଇ ବ୍ଲକର ଏବିଓ ଅକ୍ଷୟ ଧଳ ଓ ବୈତରଣୀ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ ବରୁଣ୍ଡେଇଠାରେ ଏବିଓ ହରିହର ଦଳେଇଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା। କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଶତପଥୀ ଏହି ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିଥିଲେ।

## ସାହିତ୍ୟ ଦର୍ପଣ ପକ୍ଷରୁ ମହାବିନାୟକ କବିତା ଉତ୍ସବ



ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସହ ଅନ୍ୟମାନେ।

**ଚଣ୍ଡିଖୋଲ,୧୮।୮(ଡି.ଏନ୍.ଏ.)**

ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସାହିତ୍ୟ ଦର୍ପଣ ପତ୍ରିକା ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଗୌତମ ଜେନା, ସୁଚେତା ମିଶ୍ର, ପ୍ରସନ୍ନ କୁମାର ବେହୁରା ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ଦର୍ପଣ ପତ୍ରିକାର ମୁଖ୍ୟ ସମ୍ପାଦକ ତ୍ରିଲୋଚନ ରାଉତଙ୍କ ଅଧ୍ୟତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ବିମଳ ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭ୍ୟର୍ଥନା କମିଟିର ସଭାପତି ଗଣେଶ୍ୱର ବରାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ କବି ଭକ୍ତଚରଣ ସାହୁ, ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାସ ଓ ଡ. ପୁଷ୍ପଲତା ରଥଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ପୋଲିସ ଅଧିକାରୀ କେଦାର ନାଥ ସାହୁ, ବରଦା ପ୍ରସନ୍ନ ତ୍ରୀପାଣୀ, ନିର୍ମଳ ମହାରଣା, ସାଗରୀକା ସାହୁ ଓ ସତ୍ୟବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଗଠନ ହେଲା ଯାଜପୁର ରୋଡ ରୋଟାରି କ୍ଲବ

**ଯାଜପୁର ରୋଡ,୧୮।୮(ନି.ପ୍ର.)**

ଯାଜପୁର ରୋଡଠାରେ ରବିବାର ରୋଟାରି କ୍ଲବର ଆଉ ଏକ ନୂତନ ଶାଖା ପ୍ରତିଷ୍ଠା ହୋଇଯାଇଛି। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ଅଭୟ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ମିଡ୍ ଟାଉନ ରୋଟାରି କ୍ଲବ ଅଧୀନରେ ଗଠିତ ଏହି ନୂତକ ଶାଖାକୁ ଯାଜପୁର ରୋଡକୁ ଘୋଷଣା କରାଯାଇଛି। ଯାଜପୁର ରୋଡ ରୋଟାରି କ୍ଲବ ପକ୍ଷରୁ ଏକ ଚକ୍ଷୁ ଡାକ୍ତର ଖାନା, ଡାଲେସିସ୍ ସେଣ୍ଟର କରାଯିବା କ୍ଲବ ପକ୍ଷରୁ ଲକ୍ଷ ରଖାଯାଇ ଥିବା ସଭାପତି ସୂଚନା ଦେଇଛନ୍ତି। ଉଦୟ ଖଣ୍ଡାଇ, ଚିତରଞ୍ଜାନ ବୋଇତେଇ, ଅଜୟ ସାହୁ, ବିରେଶ୍ୱର ପତି, ରାକେଶ ରାଉତ, ବଚନ ସାମଲ, ରବିନ୍ଦ୍ର ଦାସ, ବିରଞ୍ଚି ଖୁଣ୍ଟିଆ, ଜ୍ଞନ ରଞ୍ଜନ ଓଝା, କଳ୍ପତରୁ ସାହୁ, ଶ୍ରୀକାନ୍ତ ପାତ୍ର, ସରୋଜ ସାହୁ, ବିଶ୍ୱରଞ୍ଜନ ଜେନା, ଅଶୋକ ପତି, ଆଲୋକ ମହାନ୍ତି, ସତ୍ୟବ୍ରତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅସ୍ମିତା ପତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରବୀର ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ । ଶେଷରେ ଅସ୍ମିତା ପତୀ ଧନ୍ୟବାଦ ଦେଇଥିଲେ।

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ କର୍ମଶାଳା

**ଯାଜପୁର ରୋଡ,୧୮।୮(ନି.ପ୍ର.)**

ଭାରତୀୟ ଷ୍ଟେଟ ବ୍ୟାଙ୍କ ଯାଜପୁର ରୋଡ ଆଞ୍ଚଳିକ ବ୍ୟବସାୟୀକ କାର୍ଯ୍ୟାଳୟ ପକ୍ଷରୁ ଭାରତ ସରକାରଙ୍କ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଉପରେ ସ୍ଥାନୀୟ ବ୍ରାହ୍ମଣୀ ହୋଟେଲଠାରେ ଚାଲିଥିବା ଷ୍ଟେଟ୍ ବ୍ୟାଙ୍କ ବିଚାର ଏବଂ ପ୍ରର୍ଦ୍ଦଶନ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଦୁଇଦିନ ଧରି ଚାଲୁ ରହିଥିଲା। ଏଥିରେ ଯାଜପୁର ଓ କେନ୍ଦ୍ରାପଡା ଜିଲାର ୪୮ଟି ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ଭାଗନେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କର ଉପ ମହାପ୍ରବନ୍ଧକ କ୍ରିଷନ ସର୍ମା ଓ ଯାଜପୁର ରୋଡ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରବୀରଚନ୍ଦ୍ର ସାହୁ ଯୋଗଦେଇ ସରକାରଙ୍କ ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରକୁ ପହଞ୍ଚାଇବା ଉପରେ ସୂଚନା ଦେଇଥିଲେ। ଏ ଦିଗରେ ସମସ୍ତ ଶାଖା ପରିଚାଳକମାନଙ୍କୁ ୮ଟି ବିଭାଗରେ ବିଭକ୍ତ କରାଯାଇଛି। ସମସ୍ତ ବିଭାଗକୁ ଭାରତ ସରକାରଙ୍କ ୧୬ଟିବିଷୟରେ ଆଲୋଚନା ପରାର୍ମଶ ନିଆଯାଇଛି। ବିଶେଷକରି ପ୍ରଯୁକ୍ତି ବିଦ୍ୟା, ବରିଷ୍ଠ ନାଗରିକ, ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଯୁବଗୋଷ୍ଠୀ, ଛାତ୍ର, ମିହିଳାଙ୍କ ଚାହିଦା ଏବଂ ଆକାଂକ୍ଷା ଅନୁରୁପ ବ୍ୟାଙ୍କଗୁଡିକୁ ନୂଆ ଦିଗଦେବା ଉପରେ ବିଚାର କରାଯାଇଥିଲା। ଆର୍ଥିକ ବିକାଶ ପାଇଁ ଋଣ ପ୍ରଦାନ, ଅର୍ଥନୈତି ଭିର୍ତ୍ତି ଭୂମୀ, ଶିଳ୍ପାୟାନ, କୃଷି କ୍ଷେତ୍ର ଏବଂ ସମୁଦ୍ରିକ ଅର୍ଥ ବ୍ୟବସ୍ଥା, ଜଳ ଶକ୍ତି, ଲଘୁ ଉଦ୍ୟୋଗ ଏବଂ ମୁଦ୍ରା ଋଣ, ଶିକ୍ଷା ଓ ମହିଳା ଶଶକ୍ତି କରଣ ଏହି ଭଳି ବିଭିନ୍ନ ଦିଗଉପରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ।

## ସରକାରୀ ଅଫିସରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ନିର୍ଦ୍ଦେଶ

**ଯାଜପୁର ଟାଉନ,୧୮।୮ (ଡିଏନଏ)**

ଯାଜପୁର ଜିଲାରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ପ୍ଲାଷ୍ଟିକ ଓ ପଲିଥିନ ପରିବେଶ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଏହା ସୁସ୍ଥ ପରିବେଶକୁ ନଷ୍ଟ କରିବା ସହ ଜୀବଜଗତ ପାଇଁ ବ୍ୟାପକ କ୍ଷତି ପହଞ୍ଚାଇଛି। ଏଣୁ ସରକାର ବିଭିନ୍ନ ସରକାରୀ ବୈଠକ ଓ ସଭା ଇତ୍ୟାଦିରେ ପ୍ଲାଷ୍ଟିକ ଫୋଲ୍ଡର ବା ଏନଭଲପ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସେହି ଆଧାରରେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କୁ ଜିଲାପାଳ ଦାସ ପଲିଥିନ, ପ୍ଲାଷ୍ଟିକ ଫୋଲ୍ଡର କିମ୍ବା ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀ, ପାଣିପାଉଚ ଇତ୍ୟାଦି ବ୍ୟବହାର ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରୀ ହୋଇଛି। ୫-ଟି ଅଂଶବିଶେଷ ଏହି କାର୍ଯ୍ୟ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସମସ୍ତେ କାର୍ଯ୍ୟକାରୀ କରିବାକୁ ଦାସ ପରାମର୍ଶ ଦେଇଛନ୍ତି । ବେସରକାରୀ କାର୍ଯ୍ୟାଳୟ, ଖଣି ଓ ଶିଳ୍ପ ସଂସ୍ଥାଠାରୁ ଆରମ୍ଭ କରି ବ୍ୟବସାୟୀ ପ୍ରତିଷ୍ଠାନଗୁଡିକ ମଧ୍ୟ ଏ ଦିଗରେ ଯତ୍ନବାନ ହୋଇ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଦୀର୍ଘ ୨୫/୩୦ ବର୍ଷ ପୂର୍ବରୁ ଯେଉଁଭଳି କାଗଜ ଠୁଙ୍ଗା ବା କାଗଜ ଖୋଳ ବ୍ୟବହାର କରାଯାଉଥିଲା, ସେଥିପ୍ରତି ଧ୍ୟାନ ଦେବାକୁ ପ୍ରଶାସନ ପରାମର୍ଶ ଦିଆଯାଇଛି। ଏଥିସହିତ କପଡାରେ ପ୍ରସ୍ତୁତ ଫୋଲ୍ଡର ବା ଏନଭଲପ ବ୍ୟବହାର ଉପରେ ଦାସ ଗୁରୁତ୍ୱାରୋପ କରିଛନ୍ତି।

## ପୂଜ୍ୟପୂଜା ସାଂସଦର ୫ମ ବାର୍ଷିକ ଉତ୍ସବ

**ଯାଜପୁର ରୋଡ,୧୮।୮(ନି.ପ୍ର.)**

ଯାଜପୁର ରୋଡସ୍ଥିତ ଭୀମସେନ ପ୍ୟାଲେସଠାରେ ପୂଜ୍ୟପୂଜା ସାଂସଦର ୫ମ ବାର୍ଷିକ ଉତ୍ସବ ଓ ଡୁଙ୍ଗରମଲ ମଟାଣିୟାଙ୍କ ଜନ୍ମ ଜୟନ୍ତି ପାଳିତ ହୋଇଯାଇଛି। ସଭାପତି ଗୌରାଙ୍ଗ ଚରଣ ମଲ୍ଲିକ ଅଧ୍ୟକ୍ଷତାରେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାସନଗର ଆବୁ ତାହେର, ସମ୍ମାନୀତ ଅତିଥି ଶିକ୍ଷାବିତ ଆଶିଷ କୁମାର ରାଏ , ବରିଷ୍ଠ ଖବରଦାତା କୃଷ୍ଣଚନ୍ଦ୍ର ସାମଲ, ସାମାଜିକ କର୍ମୀ ରିଶି ଅଗ୍ରୱାଲ, କ୍ରିଡାବିତ ଦୃର୍ଯ୍ୟୋଧନ ରାଉତ, ପ୍ରଧାପକ ଶିବଚରଣମାଝି ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରତିଷ୍ଠିତ ସେବା ପାଇଁ ବ୍ୟାସନଗର ମହାବିଦ୍ୟାଳୟର ଇଂଲିସ ବିଭାଗର ମୁଖ୍ୟ କୃଷ୍ଣଚରଣ ପ୍ରଧାନ, ଆଇନଜୀବୀ ସୁର୍ଯ୍ୟମଣି ପାଢି , ଲୋକନାଥ ରାଉତ, ଉଦୟନାଥ ଖଣ୍ଡାଇ, ଦୟାନିଧିନାୟକ, କହ୍ନେଇ ଚରଣ ପରିଡା ପ୍ରମୁଖଙ୍କୁ କବି ସମ୍ରାଟ କରାଯାଇଥିଲା। ବ୍ରଜେଶ୍ୱରି ସିଂ, ରବିନାରାୟଣ ମିଶ୍ର, ଜୟନ୍ତ କୁମାର ନାୟକ, ଶୁବଦର୍ଶ ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE
ASTROLOGY
FINANCE

**Dhanalaxmi Finance**
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

**ଇଣ୍ଡସ୍ ଫାଇନାନ୍ସ ଲିଃ**
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

**!! ଋଣ ଋଣ ଋଣ !!**
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

**AT PURI AT PURI AT PURI**
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

**ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ**
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

**BANA DURGA FINANCE**
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

**ଋଣ ଧମାକା**
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
**DHANLAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

**VEDANSI FINANCE PVT LTD**
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**COLOR DISPLAY CLASSIFIED** on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
–ଭଲଟାୟର



## ସଂକ୍ଷେପରେ

### ଯାଜପୁରରୋଡ ଉପକାରାଗାରରେ ବିବିଧ କାର୍ଯ୍ୟକ୍ରମ

ଯାଜପୁରରୋଡ,୧୮।୮(ନି.ପ୍ର.):ଯାଜପୁରରୋଡ ଉପକାରାଗାର ପକ୍ଷରୁ ସ୍ୱାଧୀନ ଦିବସ ଅବସରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରାଗାରର ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ଖେଳ ଓ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ବୃକ୍ଷରୋପଣ କରାଯାଇଥିଲା। କାରାଗାରର ଅଧୀକ୍ଷକ ଗୋବିନ୍ଦଚନ୍ଦ୍ର ସୁର, କାରାରକ୍ଷୀ ରାଜୀବଲୋଚନ ମୁର୍ମୁ ପୁରସ୍କାର ବିତରଣ କରିଥିଲେ। କିଆପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ର, ଗୁରୁଜୀ ଓ ଗୁରୁମା ଅନ୍ତେବାସୀଙ୍କୁ ରକ୍ଷା ବନ୍ଧନ କରିଥିଲେ।

### ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ରସୁଲପୁର,୧୮।୮(ଡିଏନଏ): ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସ୍ଥାନୀୟ ସରପଞ୍ଚ ଚିନ୍ତାମଣୀ ସୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଯୁବନେତା ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ଅଖଣ୍ଡ ଭାରତ ଗଠନରେ ରହିଥିବା ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମବାୟ ନେତା ମୁକୁନ୍ଦଦେବ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଶଶିଭୂଷଣ ଦାସ, ଚକ୍ରଧର ବେହେରା, ଲକ୍ଷ୍ମୀଧର ପତି ଧନେଶ୍ୱର ସାହୁ, ବିଷ୍ଣୁଚରଣ ସ୍ୱାଇଁ, ମାଧବ ମଲିକ, ଲଛନ ମଲିକ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

### ଶିକ୍ଷକଙ୍କ ବିୟୋଗରେ ଶୋକ

ବିଞ୍ଝାରପୁର,୧୮।୮(ଡି.ଏନ.ଏ): ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ପଞ୍ଚାୟତସ୍ଥିତ ବିଲେଇପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଦାଧର ଦାଶ (୫୯)ଙ୍କର ଶନିବାର ରାତିରେ ଅକାଳ ବିୟୋଗ ଘଟିଛି। ଦାଶ ଶନିବାର ରାତିରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ଫଳରେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାଶଙ୍କ ମୃତ୍ୟୁ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡିତ ରହି ଯୁବାବସ୍ଥାରୁ ସମାଜର ଗରିବ, ଦଳିତଙ୍କ ପାଇଁ କାର୍ଯ୍ୟ କରି ସ୍ୱର୍ଗତ ଦାଶ ସ୍ଥାନୀୟ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ମୃତ୍ୟୁ ଖବର ପାଇ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

# ଆଧାର ସଂଯୋଗକୁ ନେଇ ତତ୍ପର ଯୋଗାଣ ବିଭାଗ

- ବୁଲିଲା ପ୍ରଚାର ଗାଡି
- ୩୧ଅଗଷ୍ଟ ଶେଷ ତାରିଖ
- ନଚେତ୍ କଣ୍ଟ୍ରୋଲ ସାମଗ୍ରୀ ବନ୍ଦ

ରସୁଲପୁର,୧୮।୮(ଡିଏନଏ)

ଆଧାର ନାହିଁ ତ କଣ୍ଟ୍ରୋଲ ସାମଗ୍ରୀ ନାହିଁ। କେନ୍ଦ୍ର ସରକାରଙ୍କ ଏଭଳି କଡ଼ା ଆଭିମୁଖ୍ୟ ପରେ ରାଶନ କାର୍ଡଧାରୀଙ୍କ ମଧ୍ୟରେ ଛନକା ପଶିଛି। ହେଲେ ଅସାଧୁ ଖାଉଟିମାନେ ଆଧାର ସଂଯୋଗ ଦିଗରେ ଯୋଗାଣ ବିଭାଗକୁ ସହଯୋଗ କରୁନାହାନ୍ତି। ଫଳରେ କାର୍ଡ ସହ ଶତପ୍ରତିଶତ ଆଧାର ସଂଯୋଗ ସମ୍ଭବ ହୋଇପାରୁ ନାହିଁ। ଏ ଦିଗରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା କଣ୍ଟ ପୁରିବାକୁ ଆଉ ମାତ୍ର ୨ ସପ୍ତାହ ବାକି ରହିଛି । ଏହି ଅବଧି ମଧ୍ୟରେ ଆଧାର ସଂଯୋଗ ହୋଇ ନ ପାରିଲେ ହିତାଧିକାରୀଙ୍କୁ କଣ୍ଟ୍ରୋଲ ସାମଗ୍ରୀ ମିଳିବ ନାହିଁ ବୋଲି ନିୟମ ହୋଇଛି। ଏହି ନିୟମ ସେପ୍ଟେମ୍ବର ମାସରୁ ଆରମ୍ଭ ହେବ ବୋଲି କୁହାଯାଉଛି। ଏହିଭଳି ସରକାରୀ ନିର୍ଦ୍ଦେଶ ଆସିବା ପରେ ରସୁଲପୁର ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶତପ୍ରତିଶତ ରାଶନ କାର୍ଡ ସହ ଆଧାର ସଂଯୋଗ ଦିଗରେ ବିଭାଗ ପକ୍ଷରୁ ଗାଁରେ ପ୍ରଚାର ଗାଡ଼ି ବୁଲୁଛି । ପ୍ରଚାର ମାଧ୍ୟମରେ କାର୍ଡଧାରୀଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି।

ଡିସେମ୍ବର,୨୦୧୫ରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉଛି। ୨୦୧୧ ଜନଗଣନା ଆଧାରରେ ବ୍ଲକର ୩୬,୮୯୩ ପରିବାର ମଧ୍ୟରୁ ୩୫ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। କହିବାକୁ ଗଲେ ବ୍ଲକର ମୋଟ ୧,୭୨୦୦୦ ଜନସଂଖ୍ୟା ମଧ୍ୟରୁ ୧ଲକ୍ଷ ୩୫ହଜାର ଲୋକ ଏହି ଯୋଜନା ଜରିଆରେ ଉପକୃତ ହେଉଛନ୍ତି । ରାଶନ କାର୍ଡଧାରୀଙ୍କୁ ମୁଣ୍ଡ ପିଛା ଚାଉଳ ଓ ଗହମ ଯୋଗାଇ ଦିଆଯାଉଛି। କାର୍ଡ ପିଛା କିରୋସିନ ବି ମିଳୁଛି । ଆରମ୍ଭରୁ କେନ୍ଦ୍ର ସରକାର କାର୍ଡ ସହ ଆଧାର ସଂଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି । ମାତ୍ର ଏହାକୁ ନେଇ ମାମଲା କୋର୍ଟରେ ଥିବାରୁ ଆଧାର ସଂଯୋଗ ଠିକ୍ ଭାବେ ହୋଇ ନ ଥିଲା। ଆଧାର ନ ଥିଲେ ଜନ ମଙ୍ଗଳକାରୀ ଯୋଜନା ବନ୍ଦ ହେବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସତ୍ତ୍ୱେ ଭୂତ ହିତାଧିକାରୀଙ୍କୁ ଧରିବା ପାଇଁ କେନ୍ଦ୍ର ସରକାର ପକ୍ଷରୁ ରାଶନ କାର୍ଡ ସହ ଆଧାର ସଂଯୋଗ କରିବା ଏକ ବଳିଷ୍ଠ ମାଧ୍ୟମ ବୋଲି ଗ୍ରହଣ କରିଆସୁଛନ୍ତି । ଏ ଦିଗରେ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଚଳିତବର୍ଷ ଜୁନ୍‌ରୁ ଶତପ୍ରତିଶତ ଆଧାର ସଂଯୋଗ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଉପରେ ଚାପ ପକାଯାଉଛି। ଫଳରେ ଶତପ୍ରତିଶତ ଆଧାର ସଂଯୋଗକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘନ ଘନ ବୈଠକ ବସୁଛି। ଭିଡିଓ କନଫରେସିଂ ମାଧ୍ୟମରେ ଆଧାର ସଂଯୋଗ ଅଗ୍ରଗତିକୁ ନେଇ ସମୀକ୍ଷା କରାଯାଉଛି। ଗତ ସପ୍ତାହରୁ ପ୍ରଚାର ଗାଡି ବିଭିନ୍ନ ପଞ୍ଚାୟତକୁ ବୁଲୁଛି । ଗାଁ ଗଣ୍ଡାରେ ପୋଷ୍ଟର, ବ୍ୟାନର ଟଙ୍ଗା ଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଦୀର୍ଘ ୩ମାସ ଧରି ବିଭାଗ ପକ୍ଷରୁ ଏଭଳି ପ୍ରୟାସ ଜାରି ରହିଛି। ଏବେ ବିଭାଗ ପକ୍ଷରୁ ପ୍ରଚାର ଗାଡି ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି କ୍ରମରେ ବିଭାଗ ପକ୍ଷରୁ ୯୪ ଶତକଡା କାର୍ଡ ଅର୍ଥାତ ହାରାହାରି ୩୨ହଜାରରୁ ଊର୍ଦ୍ଧ୍ୱ ପରିବାର ସହ ଆଧାର ସଂଯୋଗ ହୋଇପାରିଛି। ଅନ୍ୟ ପକ୍ଷରେ ସଦସ୍ୟଙ୍କୁ ହିସାବକୁ ନିଆଗଲେ ୧ଲକ୍ଷ ୩୫ହଜାର ବ୍ୟକ୍ତିଙ୍କ ମଧ୍ୟରେ ୮୪ଶତକଡା ହାରରେ ୧ଲକ୍ଷ ୧୭ହାଜର ଲୋକଙ୍କର ଆଧାର ସଂଯୋଗ ହୋଇପାରିଛି। ଏବେ ବି ବ୍ଲକ ଅଧୀନରେ ପ୍ରାୟତଃ ୧୮ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଧାର ସଂଯୋଗ କରିପାରି ନାହାନ୍ତି। ଆଗାମୀ ୧୪ ଦିନ ମଧ୍ୟରେ ଶତପ୍ରତିଶତ ଆଧାର ସଂଯୋଗ ହେବା ନେଇ ବିଭାଗ ସନ୍ଦିହାନ ହୋଇପଡିଛି । ଏ ନେଇ ରାଜ୍ୟ ଯୋଗାଣ ବିଭାଗର ମନ୍ତ୍ରୀଙ୍କ ପକ୍ଷରୁ ଅଗଷ୍ଟ ୨୦ରେ ଭିଡିଓ କନଫରନେସିଂ ଜରିଆରେ ଜିଲା ଓ ବ୍ଲକ ଯୋଗାଣ ଅଧିକାରୀ, ଡିଆରସିଏସ, ଏଆରସିଏସଙ୍କ ସହ ଆଲୋଚନା କରାଯିବ। ସ୍ଥିତି ସମୀକ୍ଷା ସହ ପରବର୍ତ୍ତି ଅବସ୍ଥାରେ କି ପଦକ୍ଷେପ ନିଆଯିବ ସେ ନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଉଛି। ଏ ଦିଗରେ ରସୁଲପୁର ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁଙ୍କୁ ପଚାରିବାରୁ, ପ୍ରଶାସନ ପକ୍ଷରୁ କାର୍ଡଧାରୀଙ୍କୁ ଶେଷ ସୁଯୋଗ ଦିଆଯାଇଛି । ଏ ଦିଗରେ ସଚେତନ କରିବା ପାଇଁ ବ୍ଲକର ୨୮ଟି ପଞ୍ଚାୟତରେ ପ୍ରଚାର ଗାଡି ବୁଲୁଛି। ଯେଉଁ ଲୋକଙ୍କ ନାମ ରାଶନ କାର୍ଡରେ ଭୁଲ ରହିଛି, ସେମାନେ ନିଜ ଆଧାର ଫଟୋକପି ସହ ରିଟେଲର କିମ୍ବା ବ୍ଲକ କାର୍ଯ୍ୟାଳୟରେ ତୁରନ୍ତ ଦାଖଲ କରିବାକୁ କହିଛନ୍ତି । ଏ ଦିଗରେ ବିଫଳ ହେଉଥିବା ହିତାଧିକାରୀ ରାଶନ କାର୍ଡରୁ ବାଦ ପଡିବେ ବୋଲି ପ୍ରକାଶ କରିଛନ୍ତି ।

### ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ

ବିଞ୍ଝାରପୁର,୧୮।୮(ଡି.ଏନ.ଏ)

ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ବିରିପଟା ପଞ୍ଚାୟତ ବରେଇଁ ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ଓ ଗୋପବନ୍ଧୁ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ସ୍ୱଚ୍ଛତା ସଚେତନତା ଅଭିଯାନ ଶୋଭାଯାତ୍ରା କେନ୍ଦ୍ର ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ଏହି ପରିକ୍ରମା ସମୟରେ ଜନ ସାଧାରଣଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଂଗଠନର କର୍ମକର୍ତ୍ତା ସଚେତନ କରିଥିଲେ। ଏହି ଅବସରରେ ଗୋପବନ୍ଧୁ ସେବା ସଂଘ ସଭାପତି ସମରେଶ ବାହାଲଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛତା ଅଭିଯାନର ମୌଳିକତା ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ମାନସ ସାହୁ, ପ୍ରଶାନ୍ତ ମିଶ୍ର, ତପନ ମିଶ୍ର, ସନ୍ତୋଷ ପଣ୍ଡା, ଜଗନ୍ନାଥ ସାମଲ, ମଙ୍ଗୁଳି ଯେନା, ମଦନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ରାଜ୍ୟସ୍ତରୀୟ ବିରଜା ମହୋତ୍ସବ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୧୮।୮(ଡିଏନଏ)

ରାଜ୍ୟସ୍ତରୀୟ ବିରଜା ମହୋତ୍ସବ ସେପ୍ଟେମ୍ବର ୨୧ରେ ପାଳନ କରାଯିବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମା' ବିରଜାଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିରଜା ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ଏହି ମହୋତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ସମିତି ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରି ଦେବୀ ବିରଜାଙ୍କ ଜନ୍ମଦିନ ସ୍ୱନକ୍ଷେତ୍ର ଉତ୍ସବରେ ରାଜ୍ୟର ପ୍ରତ୍ୟେକ ଜିଲାରେ ଜିଲାସ୍ତରୀୟ ବିରଜାଙ୍କ ଜନ୍ମଦିନ ପାଳନ କରାଯିବାକୁ ସ୍ଥିର ହୋଇଛି। ସମିତି ସମ୍ପାଦକ ପ୍ରଭାତ କୁମାର ରାଉତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ସୂଚନା ରଖିଥିଲେ। ଉପସଭାପତି ଆଡଭୋକେଟ ବିବେକାନନ୍ଦ ମହାନ୍ତି ଯୋଗଦେଇ ଦେବୀ ବିରଜାଙ୍କ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାର ପାଇଁ ସମିତିର ଏହି ପ୍ରୟାସକୁ ଅନ୍ୟମାନେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିରଜା ମନ୍ଦିର ମୁକ୍ତି ମଣ୍ଡପ ସଭାପତି ଦେବୀ ପ୍ରସାଦ ପାଣି ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ବିରଜା ପଞ୍ଜିକାର ଉପସଭାପତି ବାଲୁଙ୍କେଶ୍ୱର ଦ୍ୱିବେଦୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଜା ପୂଜକ ମଣ୍ଡଳୀ ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ଅଧିକାରୀ ନବ କିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠି, ବୃନ୍ଦାବନ ମିଶ୍ର, ଗୋପାଳ ମହାରଣ୍ୟ, ରବିନାରାୟଣ ସାମନ୍ତ, ହରେକୃଷ୍ଣ ପାଣିଗ୍ରାହୀ, ଦେବେନ୍ଦ୍ର ମହାରଣ୍ୟ, ଅର୍ପଣ ରାଉତରାୟ, ନରେନ୍ଦ୍ର ପାଣି, ସୁକାନ୍ତ ପାଣି, କୃପାସିନ୍ଧୁ ପାଣିଗ୍ରାହୀ, ଧନଞ୍ଜୟ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିରଜା ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶେଷରେ ଜଗନ୍ନାଥ ପାଣି ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ।

### ଇନରହ୍ୱିଲ କ୍ଲବ ଚେୟାରମ୍ୟାନ ପରିଦର୍ଶନ ଉତ୍ସବ

ଯାଜପୁର ଟାଉନ,୧୮।୮(ଡିଏନଏ)

ଯାଜପୁର ଇନରହ୍ୱିଲ କ୍ଲବର ଚେୟାରମ୍ୟାନ ପରିଦର୍ଶନ ଉତ୍ସବ ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇନରହ୍ୱିଲ କ୍ଲବ ୩୨୬ର ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଜାଗୃତି ଦୋଶି ଯୋଗଦେଇ ସେବା ଓ ବନ୍ଧୁତାର ଅନ୍ୟ ନାମ ଇନରହ୍ୱିଲ କ୍ଲବ ବୋଲି କହିବା ସହିତ ଯାଜପୁର କ୍ଲବ ନିୟମିତ ଭାବେ ବିଭିନ୍ନ ଅଞ୍ଚଳରେ ବହୁ ସେବାମୂଳକ କାର୍ଯ୍ୟ କରି ଅନ୍ୟମାନଙ୍କ ପ୍ରେରଣାର ଉତ୍ସ ପାଲଟିଛି ବୋଲି କହିଥିଲେ। ସଭାରେ କ୍ଲବ ସଭାପତି ଯାଜ୍ଞସେନୀ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦିକା ମାନସିରାଣୀ ଓଝା ବିବରଣୀ ପାଠ ଓ ଆଗାମୀ ଯୋଜନା ଓ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ରଖିଥିଲେ। କୋଷାଧ୍ୟକ୍ଷା ଚିତ୍ରଲେଖା ନାୟକ ପ୍ରାକ୍ ସୂଚନା ରଖିଥିଲେ। ବରିଷ୍ଠ ସଭ୍ୟା ଆଶାଲତା ପତି, ଅନ୍ନପୂର୍ଣ୍ଣା ଶତପଥି, ମନୋରମା ବିଶ୍ୱାଳ, ତଲୋତ୍ତମା ଦାଶ, ସକୁନ୍ତଳା ନାୟକ, ପ୍ରତିମା ସାହୁ, କ୍ଲବର ଆଇଏସଓ ସ୍ମିତା ପଟ୍ଟନାୟକ, ରଶ୍ମିତା ଶତପଥି, ତୃପ୍ତିମୟୀ ଜେନା, ସତ୍ୟଭାମା ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚେୟାରମ୍ୟାନ ଦୋଶି କ୍ଲବର କର୍ମକର୍ତ୍ତା ଓ ସଭ୍ୟାଙ୍କୁ ମାର୍ଗଦର୍ଶନ କରିବା ସହିତ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟା ଇନ୍ଦୁମତୀ ସୂତାରଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ବରିଷ୍ଠ ସଭ୍ୟା ତଥା ଚାର୍ଟାର ପ୍ରେସିଡେଣ୍ଟ ଗୌରପ୍ରିୟା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଖାଇ ପରିବାର ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

ଯାଜପୁର ଅଫିସ,୧୮।୮

ନୂଆଖାଇ ପରିବାର ପକ୍ଷରୁ ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚିତ୍ରାଙ୍କନ, ଝୋଟି, କଲରିଂ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବକ୍ତୃତାରେ ୭ଜଣ, ଚିତ୍ରାଙ୍କନରେ ୭ଜଣ, କଲରିଂ ପ୍ରତିଯୋଗିତାରେ ୧୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାସହ ଝୋଟି ପ୍ରତିଯୋଗିତାରେ ୧୧ଜଣ ମହିଳା ଅଂଶଗ୍ରହଣ କରି ବିଭିନ୍ନ ରଙ୍ଗ ବିରଙ୍ଗୀ ଝୋଟି ଅଙ୍କନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୫ରେ ଯାଜପୁରରୋଡ ଟାଉନହଲଠାରେ ଅନୁଷ୍ଠିତ ହେବାକୁ ଥିବା ନୂଆଖାଇ ଭେଟଘାଟ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହାସହ ନୂଆଖାଇ ପରିବାର ପକ୍ଷରୁ ବିଶ୍ୱଜୟ ଫାଉଣ୍ଡେଶନକୁ ପୁରୁଣା କପଡ଼ା ଗରିବ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଖାଇ ପରିବାରର ସଭାପତି ନୀଳକଣ୍ଠ ପଧାନ, ସମ୍ପାଦକ ରାଧାକାନ୍ତ ସାହୁ, ଉପଦେଷ୍ଟା ପୂର୍ଣ୍ଣେନ୍ଦୁ ଶୁକ୍ଳା, ଟଙ୍କଧର ବାରିକ, ବାଙ୍କବିହାରି ମିଶ୍ର ପ୍ରମୁଖ ସଭ୍ୟାସଭ୍ୟ ସହଯୋଗ କରିଥିଲେ।



କଲରିଂ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଜାରକାରେ ଖୋଲାଖୋଲି ଚାଲିଛି ଡ୍ରଗ୍ସ କାରବାର

ଧର୍ମଶାଳା,୧୮।୮(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକା ଓ ଏହାର ଆଖପାଖ ଅଞ୍ଚଳରେ ଡ୍ରଗ୍ସ ବ୍ୟବସାୟ କରାଯାଉଛି। ବାଲେଶ୍ୱର ଅଞ୍ଚଳରୁ କେତେଜଣ ଯୁବକ ହେରୋଇନ ଓ ଚରସ ଆଣି ଏଠାରେ କାରବାର କରୁଥିବା ଜଣାପଡିଛି। ସୁବିଧାରେ ହେରୋଇନ ଓ ଚରସ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକ ନିଶାର ଶିକାର ହୋଇ କୁପଥଗାମୀ ହେଉଛନ୍ତି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଡ୍ରଗ୍ସର ଶିକାର ହେଉଥିବା ଯୁବପିଢି ରାସ୍ତାଘାଟରେ ଲୁଟପାଟ କରୁଛନ୍ତି। ଏପରିକି ଜାରକା ଅଞ୍ଚଳରେ କଲେଜ ଯାଉଥିବା ଝିଅଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ନିଶା ସେବନ କରୁଥିବା ଏହି ଯୁବକଙ୍କ ମଧ୍ୟରୁ ଅନେକ ଉଚ୍ଚ ଶିକ୍ଷିତ ଥିବା ଜଣାପଡିଛି। ଏ ସମ୍ପର୍କରେ ସୁରାକ ମିଳିବା ପରେ କିଛିଦିନ ତଳେ ପୋଲିସ ଜାରକା କୁମାରୀସ୍ଥିତ ଏକ ପାନ ଦୋକାନରେ ଚଢାଉ କରି ଗଞ୍ଜେଇ ଭର୍ତ୍ତି ସିଗାରେଟ ଜବତ କରିଥିଲା। ହେଲେ ଚଢାଉ ଖବର ପାଇ ଦୋକାନୀ ସେଠାରୁ ଡ୍ରଗ୍ସକୁ ଅନ୍ୟତ୍ର ନେଇଯାଇଥିବା କୁହାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକ ଧରାପଡିବା ପରେ କାରବାରରେ ସମ୍ପୃକ୍ତ କେତେଜଣ ଯୁବକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ସରୋଜ ସାହୁଙ୍କୁ ପଚାରିବାରୁ, ଘଟଣାର ପର୍ଦ୍ଦାଫାସ୍ କରିବା ପାଇଁ ଉଦ୍ୟମ ଜାରିରହିଛି। ଖୁବ୍‌ଶୀଘ୍ର ଘଟଣାରେ ଲିପ୍ତ ମାଫିଆଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

### ଅଭିଯୋଗ ଶୁଣାଣି ଶିବିର ସ୍ଥାନ ପରିବର୍ତ୍ତନ

ଯାଜପୁର ଟାଉନ,୧୮।୮(ଡିଏନଏ)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯାଜପୁର ରୋଡସ୍ଥିତ ବ୍ୟାସନଗର ଟାଉନ ହଲ୍‌ରେ ହେବାକୁ ଥିବା ମିଳିତ ଅଭିଯୋଗ ଶୁଣାଣି ଶିବିରର ସ୍ଥାନ ପରିବର୍ତ୍ତନ କରାଯାଇଛି। ଏହି ଶିବିର ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ଅଧିକାରିଣୀ ଡେପୁଟୀ କଲେକ୍ଟର ପ୍ରଜ୍ଞା ହୋତା ଜଣାଇଛନ୍ତି। ତେଣୁ ଶିବିରକୁ ଆସିବାକୁ ଥିବା ଅଭିଯୋଗକାରୀମାନେ ବ୍ୟାସନଗର ଟାଉନ ହଲ୍ ପରିବର୍ତ୍ତେ ବ୍ୟାସନଗର ମ୍ୟୁନିସିପାଲିଟୀ ସଭାଗୃହରେ ପହଞ୍ଚିବାକୁ ଅନୁରୋଧ କରାଯାଇଛି।

### ୭୦ ତମ ବନମହୋତ୍ସବ ପାଳନ

କାଳିଆପାଣି,୧୮।୮(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜୁଲାଇରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାରାରୋପଣ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ବନମହୋତ୍ସବ ପାଳନ କରାଯାଉଛି। ଏହି କ୍ରମରେ ଚଳିତ ବର୍ଷ ସୁକିନ୍ଦା ବନ ବିଭାଗ ପକ୍ଷରୁ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଅରଡ଼ାପାଳଠାରେ ୭୦ତମ ବନମହୋତ୍ସବ ଗୁରୁବାର ପାଳନ କରାଯାଇଛି। ଅରଡ଼ାପାଳଠାରେ ଆୟୋଜିତ ବନମହୋତ୍ସବରେ ସୁକିନ୍ଦା ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଓ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅରଡ଼ାପାଳ ଅଞ୍ଚଳରେ ଗ୍ରାମବାସୀଙ୍କ ସହାୟତାରେ ଚାରାରୋପଣ କରିଥିଲେ। ସୁକିନ୍ଦା ରେଞ୍ଜର ସୌଭାଗ୍ୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ସୁକିନ୍ଦା ବନାଞ୍ଚଳର ଦୈତାରୀ ସଂରକ୍ଷିତ ଓ ସୁକିନ୍ଦା ଅଞ୍ଚଳରେ ୧ ଲକ୍ଷ ଚାରାରୋପଣ କରାଯିବ ବୋଲି ସୂଚନା ଦେଇଥିଲେ। ସୁକିନ୍ଦା ବ୍ଲକ କଂସ ଫରେଷ୍ଟର ଗଣେଶ୍ୱର ଦାସ, ରାଁସୋଳ ଫରେଷ୍ଟର ରବି ନାରାୟଣ ମହାନ୍ତି, ସୁକିନ୍ଦା ଫରେଷ୍ଟର ନରେଷ କୁମାର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିକାଶ ମଞ୍ଚର ବାର୍ଷିକ ଉତ୍ସବ

## 'ଅସୁବିଧାରେ ପକାଉଛି ଆଧୁନିକତା'

ଯାଜପୁର ଟାଉନ,୧୮।୮(ଡିଏନଏ)

ଯାଜପୁର ବିକାଶ ମଞ୍ଚର ଦ୍ୱାଦଶ ବାର୍ଷିକ ଉତ୍ସବ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଯାଜ୍ଞସେନୀ ମହାନ୍ତିଙ୍କ ଅଧ୍ୟକ୍ଷତା କ୍ରମେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ରାଧାରାମ ଶତପଥି ଯୋଗଦେଇ ମଣିଷ ସ୍ୱାଭିମାନ ନ ହେଲେ କୌଣସି କ୍ଷେତ୍ରରେ ନ୍ୟାୟ ପାଇପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ କବି ଶୁଭ କୁମାର ଦାସ ବକ୍ତବ୍ୟରେ ପାରମ୍ପରିକ ଜୀବନ ଶୈଳୀ ଓ ସାମାଜିକ ଚଳଣିକୁ ଛାଡି ଆଧୁନିକତାକୁ ଗୁରୁତ୍ୱ ଦେବା ଦ୍ୱାରା ସାମାଜିକ ବ୍ୟବସ୍ଥା ବିଶେଷ କରି ବାପା–ମା'ଙ୍କ ମଧ୍ୟରେ ସନ୍ତାନଙ୍କ ଦୂରତା ବୃଦ୍ଧି, ଯୌଥ ପରିବାର ଧିରେଧିରେ ହଜିଯିବା ଇତ୍ୟାଦି ଘଟଣାରୁ କିଭଳି ମଣିଷ ବିଭିନ୍ନ ଭାବେ ଅସୁବିଧାର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ବିବେକାନୁମୋଦିତ କାର୍ଯ୍ୟ କରି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରିବେଶବିତ୍ ବିଶ୍ୱଜିତ ମହାନ୍ତି, ରକ୍ତଦାତା ତଥା ସାମାଜିକ କର୍ମୀ ନିରାକାର ସାହୁ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବେହେଲାବାଦକ ଶରତ ଚନ୍ଦ୍ର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଗିରିଶ ବିହାରୀ ମିଶ୍ର ବିବରଣୀ ପାଠ କରିଥିବାବେଳେ ବରିଷ୍ଠ ସଭ୍ୟ ମଧୁସୂଦନ ଜେନା କାର୍ଯ୍ୟକ୍ରମ ସଂଯୋଜନା ଏବଂ ତରୁଣ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟଗୁରୁ ମହେନ୍ଦ୍ର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ଜିଲା ସ୍କୁଲରେ ସଂସ୍କୃତ ଦିବସ

ଯାଜପୁର ଟାଉନ,୧୮।୮(ଡିଏନଏ)

ଯାଜପୁର ଟାଉନସ୍ଥିତ ଜିଲା ସ୍କୁଲରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ ଏହାକୁ ଉଦ୍‌ଘାଟନ କରିଥିଲେ। ରାକ୍ଷୀ ପୂର୍ଣ୍ଣିମା ତିଥିରେ ଏହି ଦିବସ ପଡୁଥିବାରୁ ସର୍ବପୁରାତନ ଭାଷା ସଂସ୍କୃତର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ବନ୍ଧ ଆହ୍ୱାନ ଦେଇଥିଲେ। ଛାତ୍ରୀ କ୍ଷୀରାବ୍ଧୀ ତନୟା ରାଉତ, ସୌମ୍ୟାଶ୍ରୀ ପଣ୍ଡା, ସୋନି ସାହୁ, ପାୟଲ ଜେନା, ଋତୁପର୍ଣ୍ଣା ପାତ୍ର ସଂସ୍କୃତରେ ଦେଶାତ୍ମବୋଧ ସଂଗୀତ ଗାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାମଲ, ସଂସ୍କୃତ ଶିକ୍ଷକ ବିଜୟ ଭୂଷଣ ନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପିତା କର, ନିଳାମ୍ବରୀ ମିଶ୍ର, କବିତା ବଳ, ଗୀତାରାଣୀ ସାମଲ, ଏ ଖାତୁନ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର, ମୋତିଉର ରହେମାନ, ମହେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ସାମଲ, ଜହିରୁଦ୍ଦିନ ଖାଁ, ରବିନ୍ଦ୍ର ସାହାଣୀ, ନିରଞ୍ଜନ ସାହୁ, ଦୀପକ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ସହାୟକ ଅଭିନ୍ନ ସାହୁ, କର୍ମଚାରୀ ମହେଶ୍ୱର ମହାନ୍ତି, ଚାନ୍ଦମଣୀ ମହାନ୍ତି, ସେକ୍ ଆସିଫ, ଭବାନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂସ୍କୃତ ଗୀତ ଆବୃତ୍ତିରେ କୃତୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ବନ୍ଧ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

# ମାଣତୀରରେ ନନ୍ଦ ଉତ୍ସବ ପ୍ରସ୍ତୁତି

ରସୁଲପୁର,୧୮।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ସଂଧ୍ୟାରେ ମଦନମୋହନଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନନ୍ଦରାଜା ପ୍ରମୋଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେ ସବୁକୁ ନେଇ ଆଲୋଚନା ହୋଇଥିଲା। ଆଲୋଚ୍ୟ ବିଷୟର ମୁଖ୍ୟାଂଶ ମଧ୍ୟରେ ହଜି ଯାଉଥିବା ପରମ୍ପରାକୁ ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିରୁ ବିଶେଷ କରି ଜନ୍ମାଷ୍ଟମୀ ଉତ୍ସବକୁ ପାରମ୍ପାରିକ ରୀତିନୀତି ସହ ପାଳନ, ଜଗନ୍ନାଥ ମନ୍ଦିରର ଅଧିଷ୍ଠାତ୍ରୀ ଦେବତାଙ୍କ ନିତ୍ୟନୈମିତି ପୂଜା ଅର୍ଚ୍ଚନା, ଠାକୁରଙ୍କ ନୀତିକାନ୍ତିକୁ ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟର ସହ ପାଳନ କରାଯିବା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କମିଟି ପକ୍ଷରୁ ସ୍ୱଚ୍ଛଭାରତ ମିଶନ ଜରିଆରେ ଗାଁ ପରିବେଶକୁ ସଫେଇ କରିବା, କଳା,ସଂସ୍କୃତି ଉପରେ ଆଧାରିତ ଗୋପାଳ ପୂଜା, ଗୀତାପାରାୟଣ, ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗୀତା, ଓଡିଶୀ ନୃତ୍ୟ, ଲଉଡି ନୃତ୍ୟ, କୃଷ୍ଣ ଜନ୍ମ ଓ ତାଙ୍କ ଚରିତ ଉପରେ ଆଧାରିତ ଗୀତିନାଟ୍ୟ ପରିବେଷଣ, ନନ୍ଦରାଜାଙ୍କ ଗ୍ରାମ ପରିକ୍ରମା, ଗ୍ରାମବାସୀଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ, ନାରାୟଣ ସେବାରେ ସ୍ଥାନୀୟ ଅଞ୍ଚଳର ୪୦୦ ଆର୍ଥିକ ଅନଗ୍ରସର ଲୋକଙ୍କୁ ଚାରା, ଶାଢୀ, ମଶାରୀ, ବସ୍ତ୍ରଦାନ ଆଦି ପ୍ରଦାନ କରାଯିବ, ଏହି ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏଥିସହ ଶେଷରେ ଦଧିଭାଣ୍ଡ ଭାଙ୍ଗିବା ଆଦି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା । ସ୍ଥିରିକୃତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ସମାପନ କିରବା ଦିଗରେ ଗ୍ରାମର ଉଦୀୟମାନ ଯୁବକମାନଙ୍କ ମଧ୍ୟରେ ଦାଇତ୍ୱ ବଣ୍ଟନ କରାଯାଇଛି। ବୈଠକରେ କମିଟି ପକ୍ଷରୁ ଅଚ୍ୟୁତାନନ୍ଦ ରାଉତ, ସୂର୍ଯ୍ୟମଣୀ ପ୍ରଧାନ, ଚିତ୍ତରଞ୍ଜନ ନାୟକ, ବିଚିତ୍ରାନନ୍ଦ ରାଉତ, ନିଳମଣୀ ପ୍ରଧାନ, ଅଚ୍ୟୁତ ଭଦ୍ର, ରବୀନ୍ଦ୍ର ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।




ନନ୍ଦ ଉତ୍ସବ ପ୍ରସ୍ତୁତି ପାଇଁ ଆୟୋଜିତ ବୈଠକରେ ଉପସ୍ଥିତ ପରିଷଦର ସଭ୍ୟମାନେ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



# ଆକୃଷ୍ଟ କରୁଛି ଡିଜିଟାଲ ଫଟୋଗ୍ରାଫି



## ବିଶ୍ୱ ଫଟୋଗ୍ରାଫି ଦିବସ ଆଜି

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୧୮।୮**

ଦୁଇ ଦଶନ୍ଧି ପୂର୍ବରୁ ପରିବାର ସହିତ ଷ୍ଟୁଡ଼ିଓରେ ଯାଇ ଫଟୋ ଉଠାଇବା କିମ୍ବା ଘରକୁ କ୍ୟାମେରାମ୍ୟାନ୍ ଆସି ଫଟୋ ଉଠାଇବା ମଜା ସତରେ ନିଆରା ଥିଲା। କୋଡାକ୍ କ୍ୟାମେରାରେ ଉଠାଯାଉଥିବା କଳାଧଳା/ରଙ୍ଗିନ ଫଟୋ ଲାଗି ପରିବାର ଭିତରେ ଅନେକ ଉତ୍ସାହ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ଯୁଗ ବଦଳିଛି। ରିଲ୍ କ୍ୟାମେରା ବଦଳରେ ଡିଜିଟାଲ କ୍ୟାମେରାର ବହୁଳ ପ୍ରଚଳନ ହେଉଛି। ଏହି ଫଟୋଗ୍ରାଫି ବର୍ତ୍ତମାନ ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଆଉ ଟିକେ ଆଗକୁ ଗଲେ ଏବେ ବିଭିନ୍ନ ମୋବାଇଲ୍‌ରେ ଉନ୍ନତମାନର ଫଟୋ ଉଠାଇବା ଆପ୍ ରହୁଥିବା ଦେଖିବାକୁ ମିଳୁଛି। ଏହା ଫଟୋର ସୌନ୍ଦର୍ଯ୍ୟକୁ ମଧ୍ୟ ଦ୍ୱିଗୁଣିତ କରୁଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ବ୍ୟକ୍ତିମାନେ ଫଟୋ ଉଠାଇ ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଅପ୍‌ଲୋଡ୍ କରୁଛନ୍ତି। ଏହା ପରେ କେତେ ଲାଇକ୍ ଓ କମେଣ୍ଟ ଆସୁଛି ତାହା ଗଣନା କରୁଛନ୍ତି। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଫଟୋଗ୍ରାଫି ପ୍ରତି ଦୁର୍ବଳତା ଥିବା ଦେଖାଯାଉଛି। ନୟାଗଡ଼ ଜିଲାର ଏହିଭଳି ଅନେକେ ଅଛନ୍ତି, ଯେଉଁମାନେ ଏବେ ବୃତ୍ତିଗତ ଫଟୋଗ୍ରାଫର। ପ୍ରତିବର୍ଷ ଅଗଷ୍ଟ ୧୯କୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଜିଲାର କେତେଜଣ ଫଟୋଗ୍ରାଫରଙ୍କ ମତାମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ରିପୋର୍ଟ।

### କ'ଣ କହନ୍ତି ଏମାନେ...



◆ପ୍ରକୃତିର ସୁନ୍ଦରତା ମଣିଷର ଦୃଷ୍ଟି ଶକ୍ତିରେ ଥାଏ। ମୁଁ କୌଣସି ଜିନିଷକୁ ଯେଭଳି ଦେଖୁଛି ଅନ୍ୟମାନଙ୍କ ନଜରରେ ତାହା ସେୟା ହୋଇ ନ ପାରେ। ପ୍ରତି ଫଟୋ ପଛରେ ଏକ କାହାଣୀ ଥାଏ। ଯାହା ଫଟୋକୁ ସୁନ୍ଦରରୁ ଅତି ସୁନ୍ଦର କରିଥାଏ। ଭଲ ବା ଖରାପ ଫଟୋ କିଛି ନାହିଁ। ୨୦୦୪ ମସିହାରୁ ମୁଁ ଫଟୋ ଉଠାଉଛି। ୮୦୦ ଟଙ୍କା ଦେଇ ଏକ କୋଡ଼ାକ୍ ରିଲ୍ କ୍ୟାମେରା ଆଣିଥିଲି। ସେଥିରେ ବିଭିନ୍ନ ଫଟୋ ଉଠାଏ, ଯାହାକୁ ନେଇ ଘରେ ଗାଳି ଶୁଣିଥିଲି। ପରେ ଏହାକୁ ବ୍ୟବସାୟରେ ପରିଣତ କରିଦେଲି। ବର୍ତ୍ତମାନ ଅନେକ ଫିଲ୍ମରେ କ୍ୟାମେରାମ୍ୟାନ୍ ଭାବେ କାମ କରିବା ସହ ବିଭିନ୍ନ ପ୍ରକାର ଫଟୋ ଉଠା ଜାରି ରଖିଛି।

**– କାହ୍ନା ସ୍ୱାଇଁ, ନୟାଗଡ଼**



◆୧୯୯୯ ମସିହାରୁ ଫଟୋ ଉଠାଉଛି। ଏଥିପ୍ରତି ଦୁର୍ବଳତା ଥିବାରୁ ଫଟୋଗ୍ରାଫି ପାଇଁ ଆକୃଷ୍ଟ ହେଲି। କ୍ୟାମେରା ଲେନ୍ସରେ ପ୍ରକୃତିଠାରୁ ଆରମ୍ଭ କରି ବିଭିନ୍ନ ଜିନିଷକୁ ବାନ୍ଧି ରଖିବାର ମଜା ନିଆରା, ଯାହାଦ୍ୱାରା ସ୍ମୃତିକୁ ସାଇତି ରଖାଯାଇପାରିବ। ଭଲ ଫଟୋ ଉଠିବା ଜଣେ ଫଟୋଗ୍ରାଫରର ଶୈଳୀ ଉପରେ ନିର୍ଭର କରିଥାଏ। ବେଳେବେଳେ ଅତି ସାଧାରଣ ଦୃଶ୍ୟଟିଏ କ୍ୟାମେରା ଲେନ୍ସରେ ଚମତ୍କାର ଫଟୋ ପାଲଟିଯାଏ। ଫଟୋଟିଏ ଉଠାଯିବା ପରେ ଏହା ଯୁଗ ଯୁଗ ପାଇଁ ଫଟୋ ଫ୍ରେମ ନ ହେଲେ ଆଲବମ୍ ଭିତରେ ସାଇତି ହୋଇ ରହିଥାଏ। ଏହା ପର ମୁହୂର୍ତ୍ତରେ ଆନନ୍ଦିତ କରିଥାଏ।

**– ବିଶ୍ୱନାଥ ବେହେରା, ନୟାଗଡ଼**



◆କିଛିବର୍ଷ ପୂର୍ବେ ଫଟୋର ଚାହିଦା କମି ଯାଇଥିଲା। ହେଲେ ବର୍ତ୍ତମାନ ଏହାର ଚାହିଦା ବଢ଼ିବାରେ ଲାଗିଲାଣି। ଭଲ ଫଟୋଟିଏ ପାଇଁ ଲୋକମାନେ ଅଧିକ ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି। ପୂର୍ବରୁ ବାହାଘରରେ କେବଳ ଭିଡିଓ ରେକର୍ଡ଼ିଂ ହେଉଥିଲା। ବର୍ତ୍ତମାନ ଫଟୋସୁଟ୍ ପାଇଁ ବର/କନ୍ୟା ପରିବାର ପକ୍ଷରୁ ଅଧିକ ଟଙ୍କା ଦେବାକୁ ଦ୍ୱିଧାବୋଧ କରୁନାହାନ୍ତି। ମେହେନ୍ଦିଠାରୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ପ୍ରତିଦିନ ଫଟୋ ଉଠାଯାଉଛି। ଏହା ଜଣେ ଫଟୋଗ୍ରାଫରଙ୍କ ପାଇଁ ଶୁଭ ଖବର। କେବଳ ଯେ ବାହାଘର ତା' ନୁହେଁ, ନିଜର ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଲୋକମାନେ ଫଟୋକୁ ଅଧିକ ପସନ୍ଦ କରୁଛନ୍ତି। ଫଟୋଗ୍ରାଫିକୁ ପେସା କଲେ ବି ପରିବାରଟିଏ ପ୍ରତିପୋଷଣ କରିବାରେ ଅସୁବିଧା ହେବ ନାହିଁ।

**– ଚନ୍ଦନ ରାଉତରାୟ, ଦର୍ପନାରାୟଣପୁର**



◆୧୯୮୭ ମସିହାରୁ ମୁଁ ଫଟୋଗ୍ରାଫି କରୁଛି। ବିଭିନ୍ନ ସମୟରେ ଫଟୋ ଉଠାଇବାକୁ ମୁଁ ଭଲ ପାଏ। ବିଶେଷ କରି କୌଣସି ସ୍ଥାନରେ ସଭା ସମିତି ହେଲେ ସେଠାକୁ ଯାଇ ଫଟୋ ଉଠାଏ। ଫଟୋ ଉଠା ଏକ ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମେ ଏକ ଷ୍ଟୁଡ଼ିଓରେ ରହି କାମ କରୁଥିଲି। ପରେ ନିଜର କ୍ୟାମେରା କିଣି ଷ୍ଟୁଡ଼ିଓ କରିଛି। ବିଜୁ ପଟ୍ଟନାୟକ, ନରେନ୍ଦ୍ର ମୋଦି ପ୍ରମୁଖ ମନ୍ତ୍ରୀମାନେ ଜିଲାର ବିଭିନ୍ନ ସ୍ଥାନକୁ ଆସିଥିବା ବେଳେ ମୁଁ ଯାଇ ସେଠାରେ ଫଟୋ ଉଠାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ପରେ ଏଥିପ୍ରତି ମୋର ଉତ୍ସାହ ବଢ଼ିଛି।

**– ବଳଭଦ୍ର ସ୍ୱାଇଁ, ଶରଣକୁଳ**



ବଳଭଦ୍ରଙ୍କ କ୍ୟାମେରାରେ କଏଦ ହୋଇଥିବା ଏକ ଫଟୋ।



ବିଶ୍ୱନାଥଙ୍କ ଦ୍ୱାରା ଉଠାଯାଇଥିବା ଫଟୋ।

## ସଂକ୍ଷେପରେ

### ଗଣେଶ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



**ଖଣ୍ଡପଡ଼ା,୧୮।୮(ସ୍ୱ.ପ୍ର.):** ସେପ୍ଟେମ୍ବର ୨ରେ ଅଗ୍ରପୂଜ୍ୟ, ବିଘ୍ନ ବିନାଶକ ଗଣନାଥଙ୍କ ପୂଜା ଅନୁଷ୍ଠିତ ହେବ। ଏଥିନିମନ୍ତେ ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣରେ କାରିଗରମାନେ ଦିନରାତି ବ୍ୟସ୍ତ ଥିବା ଦୃଷ୍ଟିଗୋଚର ହେଉଛି। ଶହ ଶହ ମୂର୍ତ୍ତି ନିର୍ମାଣ ଚାଲିଥିବାରୁ ଖଣ୍ଡପଡ଼ା ସହରର କୁମ୍ଭାରସାହି ଚଳଚଞ୍ଚଳ ହୋଇଉଠିଛି। ଏଠାରେ ଗୋବର୍ଦ୍ଧନ ମହାପାତ୍ର, ରମେଶ କୁମାର ମହାପାତ୍ରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କାରିଗର କାର୍ଯ୍ୟବ୍ୟସ୍ତ ଅଛନ୍ତି। ସେହିପରି କଣ୍ଟିଲୋ ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ତଥା ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଖୁଦୁରୁକୁଣୀ ମୂର୍ତ୍ତି ନିର୍ମାଣ ପରେ ଏବେ ବିଭିନ୍ନ ଅନୁଷ୍ଠାନକୁ ଯାଇ ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତେବେ ଲଗାଣ ବର୍ଷା କିଛିମାତ୍ରାରେ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ଜଣାପଡିଛି।

### ଆରମ୍ଭ ହେଲା ଖୁଦୁରୁକୁଣୀ ଓଷା



**ଖଣ୍ଡପଡ଼ା,୧୮।୮(ସ୍ୱ.ପ୍ର.):** ରବିବାରଠାରୁ ରାଜ୍ୟରେ ଧୁମ୍‌ଧାମ୍‌ରେ ପାରମ୍ପରିକ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଯାଇଛି। ଖଣ୍ଡପଡ଼ା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ, ଭାପୁର ବ୍ଲକ ଅନ୍ତର୍ଗତ କଳପଙ୍ଗୀ, ଧାନଚେଙ୍ଗଡା ଆଦି ଗ୍ରାମ ଏବେ ଉତ୍ସବମୁଖର ହୋଇଉଠିଛି। ଆକର୍ଷଣୀୟ ସାଜସଜ୍ଜା ଓ ମୂର୍ତ୍ତି ନିର୍ମାଣ ନେଇ ସାହିର ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ରାତି ଅଧରୁ ଦଳ ଦଳ ହୋଇ ଯୁବତୀମାନେ ବିଭିନ୍ନ ସ୍ଥାନରୁ ଫୁଲ ସଂଗ୍ରହ କରିବା ପରେ ସକାଳେ ମହାନଦୀ କିମ୍ବା ପୋଖରୀ ତୁଠକୁ ଯାଇ ବାଲୁକା ପୂଜା କରିଥିଲେ। ଏହାପରେ ଗ୍ରାମଦେବତୀଙ୍କ ନିକଟରେ ପାଣି ତୋଳିଥିଲେ। ନବ ବିବାହିତା ମହିଳାମାନେ ମଧ୍ୟ ପୂଜାରେ ସାମିଲ ହୋଇଥିଲେ। କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳସ୍ଥିତ ପୂଜା ମଣ୍ଡପଗୁଡ଼ିକୁ ସାଜସଜ୍ଜା ଓ ରଙ୍ଗବେରଙ୍ଗ ଆଲୋକରେ ଆକର୍ଷଣୀୟ ମନେ ହେଉଥିଲା। ସନ୍ଧ୍ୟାରେ ପୂଜାମଣ୍ଡପଗୁଡ଼ିକ ଭକ୍ତି, ଆଧାତ୍ମିକ ପରିବେଶରେ ଭରି ରହୁଥିଲା। ରାଖୀ ବାନ୍ଧି ଯେଭଳି ଭାଇମାନଙ୍କ ମଙ୍ଗଳ କାମନା କରିଥାନ୍ତି ସେଭଳି ଭାଦ୍ରବ ମାସ ରବିବାରଗୁଡ଼ିକରେ ମା' ମଙ୍ଗଳାଙ୍କ ନିକଟରେ ଭାଇମାନଙ୍କ ଶୁଭ ମାନସିକ କରି ଭଉଣୀମାନେ ଖୁଦୁରୁକୁଣୀ ଓଷା ପାଳନ କରିଥାନ୍ତି।

### ଲଗାଣ ବର୍ଷା: ଜନଜୀବନ ପ୍ରଭାବିତ



**ନୟାଗଡ଼ ଅଫିସ,୧୮।୮:** ନୟାଗଡ଼ ସହରରେ ରବିବାର ପ୍ରବଳ ବର୍ଷା ହୋଇଥିଲା। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଲଗାଣ ବର୍ଷା ହେବା ଫଳରେ ଲୋକମାନେ ବାହାରକୁ ବାହାରି ପାରି ନ ଥିଲେ। ସେହିଭଳି ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ସହରର ବିଭିନ୍ନ ୱାର୍ଡ଼ର ଲୋକଙ୍କ ଘରେ ଡ୍ରେନ୍ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

■ ସୁଧୁରୁନି ଡ୍ରେନେଜ୍ ସମସ୍ୟା

## ଗଣିଆ ବଜାର ରାସ୍ତାରେ ବର୍ଷାପାଣିର ସୁଅ

**ଗଣିଆ,୧୮।୮(ଡି.ଏନ.ଏ.)**

ଦୀର୍ଘଦିନ ଧରି ଗଣିଆ ବଜାରରେ ଡ୍ରେନେଜ ସମସ୍ୟା ଲାଗିରହିଛି। ଫଳରେ ଅସରାଏ ବର୍ଷା ହେଲେ ଗଣିଆ ମୁଖ୍ୟ ବଜାର ରାସ୍ତାରେ ପାଣିର ସୁଅ ଛୁଟୁଛି। ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବଜାର ଉପର ମୁଣ୍ଡରୁ ପାଣି ସହ ବାଲି, ମାଟି, ଅଳିଆ ଆବର୍ଜନା ଭାସି ଆସି ବଜାରର ମୁଖ୍ୟସ୍ଥଳ ଗାନ୍ଧୀଛକରେ ଜମା ହୋଇରହୁଛି। ବର୍ଷା ସମୟରେ ପାଣିର ସୁଅ ଯୋଗୁ ଯାତାୟାତରେ ସମସ୍ୟା ଦେଖାଦେଉଛି। ପୁଣି ବର୍ଷା ଛାଡିଗଲା ପରେ କାଦୁଅ ପଚପଚ ଓ କୁଢ କୁଢ ଅଳିଆ ଯୋଗୁ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ବଜାରରେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗଣିଆବାସୀଙ୍କ ତରଫରୁ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ । ୨୦୧୪-୧୫ ଆର୍ଥିକ ବର୍ଷରେ ପୂର୍ତ୍ତ ବିଭାଗ ତରଫରୁ ଗଣିଆ ବଜାରର କିଛିଅଂଶ ଡ୍ରେନ ନିର୍ମାଣ କରାଯାଇଥିଲା। ଏହି ଡ୍ରେନକୁ ପ୍ରତିବର୍ଷ ସଫା କରାଯାଉ ନ ଥିବାରୁ ଗତ କିଛିଦିନ ଧରି ଡ୍ରେନଗୁଡିକ ଜାମ୍ ହୋଇ ଏଭଳି ପରିସ୍ଥିତି ଦେଖାଦେଉଛି । ଏ ସମ୍ପର୍କରେ ଗଣିଆ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କେତନ ନାୟକଙ୍କୁ ପଚାରିବାରୁ ଗତବର୍ଷ ଗଣିଆ ବଜାର ଡ୍ରେନ ସଫା କରାଯାଇଥିଲା। ହେଲେ କେତେକ ଉଠାଦୋକାନୀ ଜାଣିଶୁଣି ଡ୍ରେନରେ ଅଳିଆ ଆବର୍ଜନା ପକାଉଥିବାରୁ ବର୍ଷାଦିନେ ଏଭଳି ପରିସ୍ଥିତି ଦେଖାଦେଉଛି। ସ୍ଥାନୀୟ ଜନସାଧାରଣ ସହଯୋଗ କଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯାଇପାରନ୍ତା ବୋଲି ସେ ପ୍ରକାଶ କରିଛନ୍ତି।



ରବିବାର ସକାଳୁ ଗଣିଆ ବଜାର ରାସ୍ତାରେ ପ୍ରବାହିତ ବର୍ଷା ଜଳ।

## ବେଗୁନିଆ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୧୮।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ଅନୁଷ୍ଠିତ ଏକ ବିଶେଷ ଅଧିବେଶନରେ ରବିବାର ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରପ୍ରାପ୍ତ ପ୍ରଶାସକ ସୁଧାକର ସାମନ୍ତରାୟ ସଭାରେ ପୌରୋହିତ୍ୟ କରିଥିଲେ। ସେବାଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ବିଧାୟକ ସାହୁଙ୍କୁ ଅଭିନନ୍ଦନ ପତ୍ର ଓ ଉପାୟନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ମନୋଜ ଗୁମାନସିଂ, ରାଜକିଶୋର ଛୁଆଳସିଂ ଓ ସ୍ୱାମୀ ଗଣେଶାନନ୍ଦ ବେଦପାଠ କରିଥିଲେ । ସମ୍ପାଦକ ସର୍ବେଶ୍ୱର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବିଜୟ କୁମାର ମହାପାତ୍ର ସେବାଶ୍ରମର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ସେହିପରି ବୋଲଗଡ଼ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚାରାରୋପଣ

**ଭାପୁର,୧୮।୮ (ଡି.ଏନ୍.ଏ.)**

ଭାପୁର ବ୍ଲକର ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସ୍ମରଣିକା ପ୍ରଧାନଙ୍କ ଦ୍ୱାରା ରବିବାର ଫତେଗଡ଼, ବିଜିପୁର ଓ ବୈଦ୍ୟନାଥ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଫତେଗଡ଼ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀ ଓ ବିଦ୍ୟାଳୟର ସବୁଜବାହିନୀ ଓ ଇକୋ କ୍ଲବର ଇନ୍‌ଚାର୍ଜ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରା ରୋପଣ କରାଯାଇଥିଲା। ପରେ ବିଜିପୁର ରାମଚନ୍ଦ୍ର ସାହୁ ହାଇସ୍କୁଲରେ ସୁଧୀର ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ବାହାରି ମାଜିଷ୍ଟ୍ରେଟ ପ୍ରଧାନ ଶାଳପଡ଼ା ପଞ୍ଚାୟତର ବୈଦ୍ୟନାଥ-ଚିନ୍ତାମଣି ସରକାରୀ ଉଚ୍ଚବିଦ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ପ୍ରଧାନଶିକ୍ଷକ ମନୋଜ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କରାଯାଇଥିଲା। ଏହି ୩ ବିଦ୍ୟାଳୟରେ ବଉଳ, ଦେବଦାରୁ, କଦମ୍ବ ଆଦି ଚାରା ପୋତାଯାଇଛି। ଭାପୁର ଓକିଲ ସଂଘ ସଭାପତି ଗଙ୍ଗାଧର ପଣ୍ଡା, ସମ୍ପାଦକ ତଥା ସରକାରୀ ଓକିଲ ସନାତନ ଷଡ଼ଙ୍ଗୀ, ସୁରେନ୍ଦ୍ର ଦାସ, ୩ଜଣ ପେସ୍କାର ରାଜେଶ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ମିଶ୍ର, ନାରାୟଣ ପଣ୍ଡା, କୋର୍ଟ ଇନ୍ସପେକ୍ଟର ବିରଞ୍ଚି ନାରାୟଣ ଖଟେଇ, ଓକିଲ କୁଳମଣି ମହାନ୍ତି, ବିରଞ୍ଚି ନାରାୟଣ ପ୍ରଧାନ, ଚାପଧାରୀ ରାଉତ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।




ଚାରାରୋପଣ କରୁଛନ୍ତି ମାଜିଷ୍ଟ୍ରେଟ ସ୍ମରଣିକା ପ୍ରଧାନ।

## ବାଣିବିରି ଘାଟିରେ ଖସୁଛି ମାଟି ଅତଡ଼ା

**ଦଶପଲ୍ଲା,୧୮।୮(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅଞ୍ଚଳରେ ରହିଛି ବାଣିବିରି ଘାଟି। ଘାଟିଦେଇ ୫୭ନଂ. ଜାତୀୟ ରାଜପଥ ଅତିକ୍ରମ କରିଥିବାବେଳେ ପ୍ରତ୍ୟହ ଯାତ୍ରୀବାହୀ ଯାନଠାରୁ ଆରମ୍ଭ କରି ଭାରି ଓ ହାଲୁକା ଯାନ ଏହି ପଥଦେଇ ଯାତାୟାତ କରିଥାନ୍ତି। ଗତବର୍ଷ ଭଳି ଚଳିତବର୍ଷ ଏହି ଘାଟିରୁ ମାଟି ଅତଡା ସହ ପଥରଖଣ୍ଡ ଖସିବାରେ ଲାଗିଲାଣି। ଫଳରେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଗତବର୍ଷ ଲଗାଣ ବର୍ଷା ସମୟରେ ବାଣିବିରି ଘାଟିରୁ ମାଟି ଅତଡା ସାଙ୍ଗକୁ ପଥରଖଣ୍ଡ ଖସିଥିଲା। ଜାତୀୟ ରାଜପଥ ଅବରୋଧ ହୋଇ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କେତେବେଳେ ସକାଳୁ ତ ପୁଣି କେତେବେଳେ ବିଳମ୍ବିତ ରାତ୍ରୀରେ ଏଭଳି ଘଟଣା ଯୋଗୁ ଜଙ୍ଗଲ ମଧ୍ୟରେ ଶହ ଶହ ଯାନବାହନ ଅଟକି ରହିଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍କାଳୀନ ଜିଲାପାଳ ଡା.ଏନ୍ ତିରୁମାଲା ନାୟକଙ୍କ ସହ ବିଭାଗୀୟ ପଦାଧିକାରୀ ଗତ ସେପ୍ଟେମ୍ବର ମାସରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଯାତ୍ରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପାହାଡର ଉଭୟ ପାର୍ଶ୍ୱରେ ୱାଲ୍ ନିର୍ମାଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଠିକାସଂସ୍ଥା ୱାଲ୍ ନିର୍ମାଣ କରିଥିଲା। ମାତ୍ର ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଯେତିକି ପରିମାଣର ୱାଲ୍ ନିର୍ମାଣ ହେବା କଥା ତାହା ହୋଇ ନାହିଁ। ଫଳରେ ଚଳିତବର୍ଷ ସମାନ ଅବସ୍ଥା ଦେଖିବାକୁ ମିଳିଛି। କିଛିଦିନ ତଳେ ଲଗାଣ ବର୍ଷା ଯୋଗୁ ପାହାଡରୁ ବଡ ବଡ ପଥର ଖଣ୍ଡ ସହ ମାଟି ଅତଡା ଖସିବା ଆରମ୍ଭ ହୋଇଛି। କିଛି ପଥର ରାସ୍ତାକୁ ଖସି ଆସିଥିବା ବେଳେ ମାଟି ଅତଡା ଓ ପଥରଖଣ୍ଡ ରାସ୍ତା ଉପରକୁ ଧସି ରହିଥିବା ଦେଖାଯାଇଛି। ଏଥିପ୍ରତି ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ମାଟି ଅତଡ଼ା ରାସ୍ତା ଉପରକୁ ଖସିଛି।

## ଅସୁରକ୍ଷିତ ଘରେ ଚାଲିଛି ପାଠପଢ଼ା

■କାନ୍ଥ ଭୁଶୁଡ଼ି ଚାଲିଯାଇଥିଲା ୭ ଜୀବନ
■ଗୃହ ନିର୍ମାଣ ସତ୍ତ୍ୱେ ହେଉନି ହସ୍ତାନ୍ତର
■ନବନିର୍ମିତ ଘରେ ରହୁଛନ୍ତି ଫନୀ ବିପନ୍ନ ପରିବାର

**ରଣପୁର,୧୮।୮(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ସୁଆଁସିଆ ସାହି ଅଙ୍ଗନୱାଡି କେନ୍ଦ୍ରରେ କାନ୍ଥ ଭୁଶୁଡି ୨୦୧୨ ଜୁଲାଇ ୯ରେ ୭ ଶିଶୁଙ୍କ ମୃତ୍ୟୁ ପରେ ବି ପ୍ରଶାସନ ସତର୍କ ହେଉ ନ ଥିବା ଅଭିଯୋଗ ହେଉଛି। ଅଘଟଣ ଘଟିବାର ୭ ବର୍ଷ ପରେବି ଅସୁରକ୍ଷିତ ଘରେ ପାଠପଢ଼ା, ଗଛମୂଳେ ରୋଷେଇ କରିବା ପରି ଘଟଣା ପୁଣି ଦେଖିବାକୁ ମିଳୁଛି।

ପ୍ରକାଶଯୋଗ୍ୟ, ଏ ସମସ୍ତ ଘଟଣା ପରେ ଓସ୍ତପଡା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇଥିବାବେଳେ ସ୍ଥାନୀୟ ପ୍ରାଥମିକ ସ୍କୁଲରେ କେନ୍ଦ୍ର ଚାଲୁଛି। ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର ହସ୍ତାନ୍ତର ହୋଇ ନ ଥିବାରୁ କେନ୍ଦ୍ରଟି ସ୍କୁଲରେ ଚାଲୁଛି । ସୂଚନାଯୋଗ୍ୟ, ଫନୀ ବାତ୍ୟା ପରେ ୩ ବିପନ୍ନ ପରିବାର ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରରେ ରହୁଥିଲେ। ୨ ପରିବାର ଚାଲି ଯାଇଥିବାବେଳେ ଘର ଭାଙ୍ଗି ଯାଇଥିବାରୁ ଜଣେ ବିପନ୍ନ ପରିବାର ସେଠାରେ ଅଟକି ରହିଯାଇଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଗୋଟିଏ ପରିବାରକୁ ସୁରକ୍ଷା ଦେବାକୁ ଯାଇ ଅନେକ ଶିଶୁଙ୍କୁ ଅସୁରକ୍ଷିତ କରିବା ଘଟଣା କେତେଦୂର ଠିକ୍? ଛୋଟ ଛୋଟ ପିଲାମାନେ ବର୍ଷ ବର୍ଷ ଧରି ଅସୁରକ୍ଷିତ ଘରେ ପାଠ ପଢୁଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଯିବା ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି । ରଣପୁର ସିଡିପିଓ ବ୍ରହ୍ମୋତ୍ରି ମିଶ୍ର ଏ ସମସ୍ୟା ନେଇ କୁହନ୍ତି, ନବନିର୍ମିତ ଘର ଆମକୁ ହସ୍ତାନ୍ତର କରାଯାଇନି। ପରିତ୍ୟକ୍ତ ଘରେ କେନ୍ଦ୍ର ଚାଲିଥିବା ସମ୍ପର୍କରେ ପଚାରିବାରୁ ତଦନ୍ତ ପରେ ସ୍ଥାନାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପରେ ବି ଛୋଟ ଛୋଟ ପିଲାମାନେ ପୁଣି ଭଙ୍ଗାଘରେ ପାଠ ପଢ଼ିବାରୁ ପିଲାଙ୍କ ଜୀବନ ପ୍ରତି ଅଣଦେଖା କରାଯାଉଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଆଗାମୀ ଦିନରେ ଏହା ଆନ୍ଦୋଳନକୁ ଖୋରାକ ଯୋଗାଇପାରେ ବୋଲି କେତେଜଣ ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ରଣପୁର ବ୍ଲକରେ ୨୪୫ ଅଙ୍ଗନୱାଡି କେନ୍ଦ୍ର ଓ ୭୮ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି ମିଶି ୩୨୩ କେନ୍ଦ୍ରରୁ ୨୬୮ କେନ୍ଦ୍ରର ଗୃହନିର୍ମାଣ ପାଇଁ ଦିଆଯାଇଥିଲା କାର୍ଯ୍ୟାଦେଶ। ଏଥିରୁ ୭ବର୍ଷରେ ମାତ୍ର ୯୬ ଘର ସମ୍ପୂର୍ଣ୍ଣ ହୋଇଛି । ସମ୍ପୂର୍ଣ୍ଣ ଘରଗୁଡିକ ଉଦ୍‌ଘାଟନ ହୋଇପାରି ନ ଥିବାରୁ ଅଧିକାଂଶ ପରିତ୍ୟକ୍ତ ହୋଇ ନଷ୍ଟ ହେବାକୁ ବସିଲାଣି ।



ଅଙ୍ଗନୱାଡି କେନ୍ଦ୍ରରେ ରହୁଥିବା ଏକ ବିପନ୍ନ ପରିବାର।